## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଗଣକବି ବୈଷ୍ଣବ ପାଣିଙ୍କ ୧୩୯ତମ ଜୟନ୍ତୀ, ରାଜ୍ୟ ଗ୍ରନ୍ଥାଗାର ନିକଟସ୍ଥ ପ୍ରତିମୂର୍ତ୍ତି ସ୍ଥଳୀ, ସକାଳ ୯ଟା।
- ଉତ୍କଳ ସମ୍ମିଳନୀ ପକ୍ଷରୁ ଗଣକବି ବୈଷ୍ଣବ ପାଣିଙ୍କ ଜୟନ୍ତୀରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପାଖ ପ୍ରତିମୂର୍ତ୍ତିସ୍ଥଳ, ସକାଳ ୯ଟା।
- ୟୁଥ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ରାଜ୍ୟସ୍ତରୀୟ କୁମାର ଉତ୍ସବ, ବୁଦ୍ଧ ମନ୍ଦିର, ପୂର୍ବାହ୍ନ ୧୦ଟା।
- ଆଜାଦ ହିନ୍ଦ ବାହିନୀ ପକ୍ଷରୁ ଜାତୀୟସ୍ତରୀୟ କର୍ମଶାଳା, ନେତାଜୀ ଭବନ, ୟୁନିଟ-୬, ପୂର୍ବାହ୍ନ ୧୧ଟା ୩୦।
- ଉର୍ଦ୍ଦୁ ବଞ୍ଚାଅ ଆନ୍ଦୋଳନ କମିଟି ଦ୍ୱାରା ଖବରଦାତା ସମ୍ମିଳନୀ, ଲୋହିଆ ଏକାଡେମୀ, ମଧ୍ୟାହ୍ନ ୧୨ଟା ୩୦।

## ସଂକ୍ଷେପରେ

### ଆଜି ଆଇଆଇଟି ସମାବର୍ତ୍ତନ ଉତ୍ସବ

**ଜଟଣୀ,୧୯।୧୦(ଡି.ଏନ୍.ଏ.):** ଜଟଣୀ ଅରଗୁଳସ୍ଥିତ ଭୁବନେଶ୍ୱର ଆଇଆଇଟିର ୧୦ମ ସମାବର୍ତ୍ତନ ଉତ୍ସବ ବୁଧବାର ଅନୁଷ୍ଠିତ ହେବ। ଏଥିରେ ଇନ୍‌ଫୋସିସ୍‌ର ପ୍ରତିଷ୍ଠାତା ଏନ୍.ଆର. ନାରାୟଣମୂର୍ତ୍ତି ଏବଂ ଆଇଆଇଟିର ବୋର୍ଡ ଅଫ ଗଭର୍ନର ଅଧ୍ୟକ୍ଷ ରାଜେନ୍ଦ୍ର ପ୍ରସାଦ ସିଂ ଅତିଥିଭାବେ ଯୋଗଦେବେ। ଏଥିସହ ସମାରୋହରେ ଚଳିତବର୍ଷ ୫୫୯ଜଣ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ବିଭାଗରେ ଉପାଧି ପ୍ରଦାନ କରାଯିବ। ଏନେଇ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ଆଇଆଇଟି ପକ୍ଷରୁ ସୂଚନା ଦିଆଯାଇଛି। ସମ୍ମିଳନୀରେ ଆଇଆଇଟି ନିର୍ଦ୍ଦେଶକ ଆର.ଭି. ରାଜକୁମାର, କୁଳସଚିବ ଦେବରାଜ ରଥଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

### କୁଶଭଦ୍ରା ବାଲି ଖନନସ୍ଥଳ ଅନୁଧ୍ୟାନ

**ବାଲିଅନ୍ତା,୧୯।୧୦(ଡି.ଏନ୍.ଏ.):** ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ମଙ୍ଗଳବାର ବାଲିଅନ୍ତା ବ୍ଲକର ପ୍ରତାପରୁଦ୍ରପୁର ପଞ୍ଚାୟତ ଅଧୀନ କୂଳସାହି ଗ୍ରାମ ସମ୍ମୁଖ କୁଶଭଦ୍ରା ନଦୀରେ ଉଠାଯାଇଥିବା ବାଲିଘାଟସ୍ଥଳକୁ ପରିଦର୍ଶନରେ ଆସିଥିଲେ। ଏହି ବାଲିଖନନକୁ ବିରୋଧ କରି ସ୍ଥାନୀୟ କୂଳସାହିର ଗ୍ରାମର ଲୋକେ ଏମ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ। ଆଗ ନଦୀବନ୍ଧର ସୁରକ୍ଷା ଓ ବନ୍ୟାଜଳ ଦାଉରୁ ଗ୍ରାମକୁ ରକ୍ଷା ପାଇଁ ବୁରୁଜ ଓ ପଥର ପାର୍କିଂ ନିର୍ମାଣ ପାଇଁ ଗ୍ରାମବାସୀ ପ୍ରଶାସନ ଓ ଲୋକ ପ୍ରତିନିଧିଙ୍କ ପାଖରେ ଦାବି କରିଆସୁଛନ୍ତି। ୨୦୦୮ରେ ଏହି ଦନୀର କୂଳସାହି ଗ୍ରାମ ନିକଟରେ ଘାଈ ସୃଷ୍ଟି ହୋଇ ବ୍ୟାପକ ଧାନଫସଲ ଓ ରାସ୍ତାଘାଟ ନଷ୍ଟ ହୋଇଥିଲା। ଏହି ଘାଈମୁହଁ ସମ୍ମୁଖରୁ ବାଲି ଉଠା ନ ଯିବା ପାଇଁ ଗ୍ରାମବାସୀ ଏମ୍‌ପିଙ୍କୁ ଅନୁରୋଧ କରିଥିଲେ। ଏ ନେଇ ଏମ୍‌ପି ଖନନସ୍ଥାନ ଅନୁଧ୍ୟାନ କରିବା ସହ ଏ ସମ୍ପର୍କରେ ଫୋନ ଯୋଗେ ପ୍ରଶାସନିକ ଅଧିକାରୀଙ୍କୁ ଅବଗତ କରାଇଥିଲେ। ଏହି ସମୟରେ ସରପଞ୍ଚ ବାମନଚରଣ ଭୋଇ, ସଞ୍ଜୟ ତ୍ରିପାଠୀ, ତାପସ ଜେନା, ଶିବ ମଲ୍ଲିକ, ବସନ୍ତ ନାୟକ, ସମେତ ଗ୍ରାମର ମୁରବୀ ଓ ବିଶିଷ୍ଟ ବ୍ୟକ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ସେବା, ସାମାଜିକ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୧୯।୧୦:** ପବିତ୍ର ଇଦ ଅବସରରେ ପାୱାର ହାଉସ କଲୋନୀ ପରିସରରେ ସେବା ଓ ସାମାଜିକ କାର୍ଯ୍ୟକ୍ରମ ସ୍ଥାନୀୟ ବିଦ୍ୟୁତ୍ ୟୁଥ୍ କ୍ଲବ ପକ୍ଷରୁ ଆୟୋଜନ କରାଯାଇଥିଲା। କଲୋନୀର ବରିଷ୍ଠ ଓ କନିଷ୍ଠଙ୍କ ମିଳିତ ସହଯୋଗରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସ୍ଥାନରେ ସଫେଇ ସାଙ୍ଗକୁ କୋଭିଡ ସଚେତନତା ଏବଂ ଏକ ମେଗା ରକ୍ତଦାନ ଶିବିର କ୍ଲବ ପରିସରରେ ଆୟୋଜିତ ହୋଇଥିଲା। ସ୍ଥାନୀୟ କ୍ୟାପିଟାଲ ହସ୍ପିଟାଲର ରକ୍ତ ଭଣ୍ଡାର ସହଯୋଗରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଉକ୍ତ ଶିବିରରୁ ପ୍ରାୟ ୫୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଶେଷରେ ସଫେଇ କର୍ମକର୍ତ୍ତାଙ୍କୁ ଖାଦ୍ୟପୁଡିଆ ବଣ୍ଟନ ହୋଇଥିଲା। ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ରହି କ୍ଲବ ଓ ସ୍ଥାନୀୟ ଯୁବକଙ୍କ ସହ ମିଶି ସେବା କାର୍ଯ୍ୟରେ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଲବର ସଭାପତି ପ୍ରଭାତ ମଲ୍ଲ, ସମ୍ପାଦକ ସଞ୍ଜୟ କୁମାର ସ୍ୱାଇଁ, ସୌରଭ ପାତ୍ର, ଅଶ୍ୱିନୀ ଲେଙ୍କାଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ସଙ୍କଟରେ ଚିଲିକାର ଜୈବବିବିଧତା

**ଖୋର୍ଦ୍ଧା ଅଫିସ,୧୯।୧୦**



ଚିଲିକାରେ ଜମି ରହିଥିବା ରାଜଦଳ।

- ଏକାଧିକ ମୁହାଣରେ ମାଡ଼ିଛି ରାଜଦଳ
- ଯାଇପାରୁନି ଡଙ୍ଗା, ଚିନ୍ତାରେ ମତ୍ସ୍ୟଜୀବୀ

ଏସିଆର ବୃହତ୍ତମ ଲୁଣା ହ୍ରଦ ଚିଲିକା ଏବେ ସଙ୍କଟରେ। ମରାଳ ମାଳିନୀ ନୀଳାମ୍ବୁ ଚିଲିକାର ମୁହାଣ ଦିନକୁ ଦିନ ପୋତି ହେବାରେ ଲାଗିଛି। ପ୍ରାକୃତିକ ବିପର୍ଯ୍ୟୟ ଓ ମନୁଷ୍ୟକୃତ କାରଣରୁ ଏହାର ଜୈବ ବିବିଧତା ନଷ୍ଟ ହେବାକୁ ବସିଛି। ବେଆଇନ ଚିଙ୍ଗୁଡ଼ି ଘେରି ଓ ନଳ ଘାସ ପାଇଁ ଚିଲିକାର ପରିସୀମା ସଙ୍କୁଚିତ ହେବାରେ ଲାଗିଛି। ରାଜଦଳ ଓ ନଳଘାସ ଯୋଗୁ ଡଙ୍ଗା ଯିବାରେ ସମସ୍ୟା ଉପୁଜୁଛି। ଫଳରେ ମତ୍ସ୍ୟଜୀବୀଙ୍କ ଜୀବିକା ପ୍ରଭାବିତ ହେଉଛି।

ଚିଙ୍ଗୁଡ଼ି ଘେରି ଉଚ୍ଛେଦ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଖୋର୍ଦ୍ଧା, ପୁରୀ ଓ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ତେବେ ଉଚ୍ଛେଦ ପରେ ପୁଣି ଯଥା ପୂର୍ବଂ ତଥା ପରମ୍ ସ୍ଥିତି। ଚିଙ୍ଗୁଡ଼ି ଚାଷ ପାଇଁ ଚିଲିକାରେ ହେକ୍ଟର ହେକ୍ଟର ମାଟିଘେରି ଗଢ଼ି ଉଠିଛି। ସେପଟେ ଚିଲିକାରେ ନଳଘାସ ମାଡୁଛି। ଗତ ମାସ ୨୭ ତାରିଖରେ ହୋଇଥିବା ବାତ୍ୟା 'ଗୁଲାବ' ପ୍ରଭାବରେ ସାନ ନଈରି, ବଉଳାବନ୍ଧ, କୁମାଣ୍ଡଳ, ନିମିନା, ହାଟବରଡି, ବାଲୁଗାଁ, ସୋରଣ ଏବଂ କାଲୁପଡ଼ାଘାଟ ଆଦି ସ୍ଥାନକୁ ଭାସିଆସିଥିବା ରାଜଦଳ ଏବେ ବି ଜମା ହୋଇରହିଛି। ସେହିପରି ମଲାଗୁଣି, ରାଜୁଆ, ଭାର୍ଗବୀ, ଦୟା, ମକରା ଆଦି ନଦୀର ରାଜଦଳ ଭାସି ଆସି ଚିଲିକା ଉପକୂଳବର୍ତ୍ତୀ ଅଞ୍ଚଳର ପ୍ରାୟ ୫ କି.ମି. ପର୍ଯ୍ୟନ୍ତ ଜମିରହିଛି। ତେଣୁ ମତ୍ସ୍ୟଜୀବୀମାନେ ମାଛ ମାରିବାକୁ ଯିବା ଲାଗି ହଇରାଣ ହେଉଛନ୍ତି। ମୁହାଣରେ ରାଜଦଳ ମାଡ଼ି ରହିଥିବାରୁ ଡଙ୍ଗା ଧରି ଚିଲିକାକୁ ଯିବା ସମ୍ଭବ ହେଉନାହିଁ। ଏନେଇ ଚିଲିକା ମତ୍ସ୍ୟଜୀବୀ ସଂଘ ଅଭିଯୋଗ ଜଣାଇଥିଲେ ବି ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ।

ସୂଚନା ମୁତାବକ, ଖୋର୍ଦ୍ଧା, ପୁରୀ ଏବଂ ଗଞ୍ଜାମ ଜିଲାର ୧୧୬୫ ବର୍ଗ କି.ମି. ଅଞ୍ଚଳରେ ଚିଲିକା ପରିବ୍ୟାପ୍ତ ଥିଲା। ଏହା କ୍ରମଶଃ ସଙ୍କୁଚିତ ହୋଇ ୧ହଜାର କି.ମି. ମଧ୍ୟରେ ସୀମିତ ଥିବା ଜଣାପଡ଼ିଛି। ଗଞ୍ଜାମ ଜିଲାର ୭୪.୩୩ ବର୍ଗ କି.ମି., ଖୋର୍ଦ୍ଧା ଜିଲାର ୭୨.୯୯ ବର୍ଗ କିମି ଏବଂ ପୁରୀ ଜିଲାର ୮୮୪.୫୬ ବର୍ଗକିମି ପର୍ଯ୍ୟନ୍ତ ପରିବ୍ୟାପ୍ତ ଚିଲିକାରେ ଛୋଟବଡ଼ ୫୨ଟି ନଦୀ ଓ ନାଳ ମିଶିଛି। ଖରାଦିନେ ଚିଲିକାରେ ଜଳଧାରଣ କ୍ଷମତା କମୁଥିବାବେଳେ ବର୍ଷାଋତୁରେ ପାଣି ଆସିଲେ ପରିସୀମା ବୃଦ୍ଧି ପାଇଥାଏ। ଖରାଦିନେ ଏହା ପ୍ରାୟ ୯ଶହ ବର୍ଗ କି.ମି. ଏବଂ ବର୍ଷାଦିନେ ପ୍ରାୟ ୧୧ଶହ କି.ମି. ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଥାଏ। ତେବେ ଚିଲିକାରେ ମିଶିଥିବା ନଦୀଗୁଡ଼ିକ କ୍ରମଶଃ ପୋତି ହେବାକୁ ବସିଲାଣି। ସେହିପରି ପ୍ଲାଷ୍ଟିକ, ପଲିଥିନ ପ୍ରଭୃତି ବର୍ଜ୍ୟବସ୍ତୁ ଚିଲିକାରେ ମିଶୁଛି। ଏହା ଦ୍ୱାରା ଜଳଚର ଜୀବଙ୍କ ଉପରେ ପ୍ରଭାବ ପଡୁଛି। ଚିଲିକାର ପ୍ରାୟ ୧୫୦ ବର୍ଗ କି.ମି. ଇଲାକାରେ ନଳଘାସ ପରିପୂର୍ଣ୍ଣ। ପୁରୀ ଜିଲାର ବରକୁଦିଠାରୁ ଖୋର୍ଦ୍ଧା ଜିଲାର ଚିଲିକା ବ୍ଲକ କୁମଣ୍ଡପାଟଣା, ସୋରଣ, ଭୂଷଣ୍ଡପୁର ପ୍ରଭୃତି ଉପକୂଳ ପର୍ଯ୍ୟନ୍ତ ନଳଘାସ ମାଡ଼ିଛି। ୧୯୯୯ ମହାବାତ୍ୟା ପରଠୁ ସରୁ ବାଉଁଶ ଚିଲିକାର ବିଭିନ୍ନ ଅଞ୍ଚଳକୁ ମାଡ଼ିଗଲାଣି।

ଏନେଇ ଜିଲାପାଳ ସନତ କୁମାର ମହାନ୍ତି କହିଛନ୍ତି, ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଚିଲିକାରୁ ବେଆଇନ ଘେରି ଉଚ୍ଛେଦ କରାଯାଇଛି। କେତେଜଣ ବ୍ୟକ୍ତିଙ୍କ ବିରୋଧରେ ଥାନାରେ ଏତଲା ମଧ୍ୟ ଦିଆଯାଇଛି। ଟାଙ୍ଗୀ ବ୍ଲକ ଭୂଷଣ୍ଡପୁର ଅଞ୍ଚଳରେ ଏକର ଏକର ମାଟିବନ୍ଧକୁ ଜେସିବି ଦ୍ୱାରା ନଷ୍ଟ କରାଯାଇଛି। ଏଥିସହ ପ୍ରଶାସନ ପକ୍ଷରୁ ପାଟ୍ରୋଲିଂ କରାଯାଉଛି। ଚିଲିକାର ପରିବେଶ ସୁଧାରିବା ପାଇଁ ସମସ୍ତ ପ୍ରୟାସ ଜାରି ରହିଛି ବୋଲି ଜିଲାପାଳ କହିଛନ୍ତି। ଅପରପକ୍ଷରେ ପରିବେଶବିତ୍ ଜୟକୃଷ୍ଣ ପାଣିଗ୍ରାହୀଙ୍କ କହିବା ହେଲା ଚିଲିକା ହେଉଛି ରାଷ୍ଟ୍ର ସମ୍ପତ୍ତି। ତେଣୁ ଏହାର ସଂରକ୍ଷଣ ଓ ସୁରକ୍ଷା ପାଇଁ ସମସ୍ତଙ୍କ ଉତ୍ତରଦାୟିତ୍ୱ ରହିଛି। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ସଚେତନତା ସୃଷ୍ଟି କରାଯିବା ସହ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯିବା ଆବଶ୍ୟକ। ଚିଲିକାର ଆୟତନ ଦିନକୁ ଦିନ କମୁଥିବାରୁ ଏହାର ପ୍ରକୃତ ପରିସୀମା ଜାଣିବା ପାଇଁ ସ୍ୱତନ୍ତ୍ର ସର୍ଭେ ଆବଶ୍ୟକ। ୧୯୯୦ ପୂର୍ବରୁ ଚିଲିକାରେ ମଧୁର ପାଣି ଥିଲା। ୨୦୦୦ରେ ନୂଆ ମୁହାଣ ଖୋଲିବା ପରେ ସମୁଦ୍ର ପାଣି ଚିଲିକାରେ ପଶି ଲୁଣା ହୋଇଛି। ନିକଟବର୍ତ୍ତୀ ଲୁଣା, ଦୟା ଓ ଭାର୍ଗବୀ ଆଦି ପାର୍ଶ୍ୱବର୍ତ୍ତୀ ନଦୀଗୁଡ଼ିକରୁ ଭାସି ଆସୁଥିବା ପଟୁମାଟି ଏବଂ ବର୍ଜ୍ୟବସ୍ତୁ ଯୋଗୁ ଚିଲିକାର ଗଭୀରତା କମିବା ସହ ପ୍ରଦୂଷିତ ହେଉଛି ବୋଲି ପାଣିଗ୍ରାହୀ କହିଛନ୍ତି।

# ମହିଳାଙ୍କଠାରୁ ୩ ଲକ୍ଷର ବ୍ରାଉନସୁଗାର ଜବତ

**ଖୋର୍ଦ୍ଧା ଅଫିସ,୧୯।୧୦**



ଗିରଫ ମହିଳା, ଜବତ ବ୍ରାଉନସୁଗାର ଓ ଟଙ୍କା।

- ଗ୍ରାହକ ବେଶରେ ଆସି ଧରିଲା ପୋଲିସ
- ୫୨ ହଜାର ଟଙ୍କା ଜବତ
- ସାମନ୍ତରାପୁରରେ ବଢୁଛି କାରବାର

ଖୋର୍ଦ୍ଧା ସହରରେ ବ୍ରାଉନସୁଗାର କାରବାର କାୟା ବିସ୍ତାର କରିବାରେ ଲାଗିଛି। ଏସ୍‌ଟିଏଫ, ପୋଲିସ ଏବଂ ଅବକାରୀ ବିଭାଗ ପକ୍ଷରୁ ବାରମ୍ବାର ଚଢ଼ାଉ ସତ୍ତ୍ୱେ କାରବାର ବଢ଼ି ଚାଲିଛି। ଖୋର୍ଦ୍ଧା ସହର ଉପକଣ୍ଠ ଗୁରୁଜଙ୍ଗ, ଠେଙ୍ଗାହାଟ, ସାମନ୍ତରାପୁର ଆଦି ଅଞ୍ଚଳ ବ୍ରାଉନସୁଗାର କାରବାରର ପେଣ୍ଠସ୍ଥଳୀ ପାଲଟିଛି। ସାମନ୍ତରାପୁର ଅଞ୍ଚଳରୁ ଏକାଧିକ ବେପାରୀଙ୍କୁ ପୋଲିସ ଗିରଫ କରିଛି। ସ୍ଥାନୀୟ ଅଞ୍ଚଳରେ ଅସାମାଜିକ ଯୁବକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଏଥିସହ ଆପରାଧିକ କାର୍ଯ୍ୟକଳାପ ବଢ଼ି ଚାଲିଛି। ଯୁବକ, କଲେଜ ଛାତ୍ର ଏବଂ ମହିଳାମାନଙ୍କୁ ଏହି କାରବାରରେ ନିୟୋଜିତ କରାଯାଉଛି।

ଖୋର୍ଦ୍ଧା ଟାଉନ ପୋଲିସ ମଙ୍ଗଳବାର ପୂର୍ବାହ୍ନ ୧୧ଟା ୩୦ରେ ସାମନ୍ତରାପୁର ସତ୍ପେଶ୍ୱର ସାହି ନିକଟରୁ ଜଣେ ମହିଳା ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଛି। ସେ ହେଲେ ଏହି ସାହିର ସରୋଜିନୀ ଧଳ ଓରଫ ସର ଓରଫ ପାର୍ବତୀ(୩୬)। ତାଙ୍କ ନିକଟରୁ ୩୦.୮ ଗ୍ରାମ ବ୍ରାଉନସୁଗାର ଓ ୫୨ହଜାର ଟଙ୍କା ଜବତ ହୋଇଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୩ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି। ସୂଚନା ମୁତାବକ, ସରୋଜିନୀ ଘର ଆଗରେ ବ୍ରାଉନସୁଗାର ପୁଡିଆ ଧରି ଗ୍ରାହକଙ୍କୁ ଅପେକ୍ଷା କରିଥିଲେ। କୌଣସି ସୂତ୍ରରୁ ଖବରପାଇ ସଦର ଏସ୍‌ଡିପିଓ ସୁଶୀଲ ମିଶ୍ର, ଥାନା ଅଧିକାରୀ ସଞ୍ଜୟ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଟାଉନ ପୋଲିସର ଏକ ଟିମ୍ ଗ୍ରାହକ ବେଶରେ ଆସି ତାଙ୍କୁ କାବୁ କରିଥିଲେ। ଏହି ଚଢ଼ାଉରେ ଏସ୍‌ଆଇ ଅନୁଭା ଦାସ, ବିଜୟ କୁମାର ବେହେରା, ଦିଗ୍‌ବିଜୟ ବିଶ୍ୱାଳ, ପିଏଲ୍ ବେହେରା, ଏଏସ୍‌ଆଇ ଏ.କେ. ସେଠୀ ପ୍ରମୁଖ ସାମିଲ ହୋଇଥିଲେ। ସୂଚନାଥାଉ କି, ନିକଟରେ ଏସ୍‌ଟିଏଫ୍‌ର ଏକ ଟିମ୍ ଗୁରୁଜଙ୍ଗରୁ ଜଣେ ବି.ଟେକ୍ ଛାତ୍ରଙ୍କଠାରୁ ୧କେଜି ଏବଂ ବସଷ୍ଟାଣ୍ଡଠାରୁ ୨ଜଣ ଯୁବକଙ୍କ ଠାରୁ ଅନୁରୂପ ଭାବେ ୧ କେଜିରୁ ଊର୍ଦ୍ଧ୍ୱ ବ୍ରାଉନସୁଗାର ଜବତ କରିଥିଲା।

# ଯୁବକଙ୍କ ଉପରେ ଚଢ଼ିଗଲା ଟ୍ରକ୍

**ଭୁବନେଶ୍ୱର,୧୯।୧୦ (ବ୍ୟୁରୋ)**

ଚନ୍ଦ୍ରଶେଖରପୁର ଥାନା ଅଧୀନ ନିଳାଦ୍ରୀ ବିହାର ପେଟ୍ରୋଲ ପମ୍ପ ସାମ୍ନା ରାସ୍ତାରେ ମଙ୍ଗଳବାର ଜଣେ ଯୁବକଙ୍କ ଉପରେ ଟ୍ରକ ଚଢିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଚନ୍ଦ୍ରଶେଖରପୁର ଥାନା ଅଧୀନ ଅରବିନ୍ଦ ନଗର ବସ୍ତିର ବେଣୁଧର ଭଞ୍ଜ(୨୯)। ଏନେଇ ତାଙ୍କ ଶାଶୁ ଲକ୍ଷ୍ମୀ ଦେବତା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ-୪୩୭/୨୧) ରୁଜୁ କରିଛି। ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭିର ଫୁଟେଜ୍ ଆଧାରରେ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ପୋଲିସ ଧରିବାକୁ ଅନୁସନ୍ଧାନ ଜାରି ରଖିଛି। ସୂଚନା ଅନୁଯାୟୀ, ସକାଳ ପ୍ରାୟ ୭ଟା ୩୦ରେ ବେଣୁଧର ନିଜ ବାଇକରେ ପେଟ୍ରୋଲ ପମ୍ପରୁ ତେଲ ପକାଇ ଅରବିନ୍ଦ ନଗର ବସ୍ତି ଆଡ଼କୁ ଯାଉଥିଲେ। ଶ୍ରୀରାମ ହୋଟେଲ ସାମ୍ନାରେ ଏକ ଦ୍ରୁତଗାମୀ ଟ୍ରକ୍ ତାଙ୍କ ବାଇକକୁ ଧକ୍କା ଦେବାରୁ ସେ ତଳେ ପଡ଼ିଯାଇଥିଲେ। ଏହି ସମୟରେ ଟ୍ରକଟି ତାଙ୍କ ମୁଣ୍ଡ ଉପରେ ଚଢ଼ି ଚଢ଼ିଯାଇଥିଲା।

# ଡିଜିଟାଇଜେଶନ ହେଉଛି ଓଡ଼ିଶୀ ଅଭିଲେଖାଗାର

**ଭୁବନେଶ୍ୱର, ୧୯।୧୦(ବ୍ୟୁରୋ)**

### ଅନ୍‌ଲାଇନରେ ଶିକ୍ଷା ସହ ଗବେଷଣା ପାଇଁ ହେବ ସହାୟକ

ରାଜ୍ୟର ଦିବଂଗତ ଓଡ଼ିଶୀ ନୃତ୍ୟଗୁରୁଙ୍କ ନୃତ୍ୟ ଓ ସଙ୍ଗୀତକୁ ଉଜ୍ଜୀବିତ କରିବାକୁ ରାଜ୍ୟ ସଂସ୍କୃତି ବିଭାଗ ଓ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା ପ୍ରତିଷ୍ଠାନ ଆଗେଇ ଆସିଛି। ଗବେଷଣା ପ୍ରତିଷ୍ଠାନ ଅଭିଲେଖାଗାରର ସମ୍ପୂର୍ଣ୍ଣ ଡିଜିଟାଇଜେଶନ କାମ ଚାଲିଛି। ଏହାଦ୍ୱାରା ଗୋଟିଏ ସ୍ଥାନରେ ଶାସ୍ତ୍ରୀୟ ନୃତ୍ୟ ଓଡ଼ିଶୀର ସମସ୍ତ କଳା, କୌଶଳ ପୁରାତନ ଗୁରୁଙ୍କ କାଳଜୟୀ କଳାର ସମାହାର ମିଳିପାରିବ। ଯାହାଫଳରେ ଏବେକାର ଶିଳ୍ପୀ ଓ ଆଗାମୀ ପିଢ଼ି ଓଡ଼ିଶୀ ସମ୍ପର୍କରେ ବହୁ ତଥ୍ୟ ପାଇପାରିବେ। ଡିଜିଟାଇଜ୍ଡ ହେବା ପରେ ଶିଳ୍ପୀମାନେ ଅନ୍‌ଲାଇନ୍ ମାଧ୍ୟମରେ ଖାଣ୍ଟି ଓଡ଼ିଶୀ ନୃତ୍ୟର ସବୁ ଗ୍ରାମାର ପାଇପାରିବେ। ଅନ୍‌ଲାଇନ୍‌ରୁ ଓଡ଼ିଶୀ ଶିକ୍ଷା ସହିତ ଗବେଷଣା ପାଇଁ ଶାସ୍ତ୍ରୀୟ ନୃତ୍ୟର ଏବିସିଡି ମିଳିପାରିବ। କେବଳ ସେତିକି ନୁହେଁ, ଓଡ଼ିଶୀକୁ ଉତ୍ତୁଙ୍ଗ ଶିଖରରେ ପହଞ୍ଚାଇଥିବା ଗୁରୁ କେଳୁଚରଣ ମହାପାତ୍ର, ଦେବପ୍ରସାଦ ଦାସ, ପଙ୍କଜ ଚରଣ ଦାସ, ସଞ୍ଜୁକ୍ତା ପାଣିଗ୍ରାହୀଙ୍କ ଭଳି ପ୍ରତିଷ୍ଠିତ ଗୁରୁମାନଙ୍କ ପ୍ରତିଟି କଳା କୌଶଳକୁ ଗୋଟିଏ ସ୍ଥାନରେ ପାଇପାରିବେ। ୧୯୯୦ରୁ ଏପର୍ଯ୍ୟନ୍ତ ସମସ୍ତ ପ୍ରମୁଖ ଗୁରୁଙ୍କ ନୃତ୍ୟ ଶୈଳୀର ଭିଡିଓ ଏଠାରେ ସଂରକ୍ଷିତ ହୋଇ ରହିଛି। ବହୁ ପୂର୍ବରୁ କାମ ଆରମ୍ଭ ହେବାର ଥିଲେ ବି କରୋନା ପାଇଁ ଏହା ବନ୍ଦ ଥିଲା। ଗତ ଜୁଲାଇ ମାସରେ ଡିଜିଟାଇଜେଶନ କାମ ଆରମ୍ଭ ହୋଇଛି। ଏହା ଭିତରେ ପ୍ରତିଷ୍ଠାନର ନିଜସ୍ୱ ୪୮ଲକ୍ଷ ଟଙ୍କା ବ୍ୟୟରେ ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ ମାଧ୍ୟମରେ ଅଭିଲେଖାଗାର ଅଧା କାମ ସରିଯାଇଛି।

ଏ ସମ୍ପର୍କରେ ଗବେଷଣା ପ୍ରତିଷ୍ଠାନର ମୁଖ୍ୟ କାର୍ଯ୍ୟନିର୍ବାହୀ ସଙ୍ଗୀତା ଗୋସାଇଁ କହିଛନ୍ତି, ଅଭିଲେଖାଗାରକୁ ଡିଜିଟାଇଜ୍ କରିବା ମୋର ସ୍ୱପ୍ନ ଥିଲା। କାଳଜୟୀ ରଚନାଗୁଡ଼ିକ ଯେପରି ଚୋରି ହୋଇପାରିବ ନାହିଁ ସେଥିପାଇଁ ଆମେ ଯଥେଷ୍ଟ ଯତ୍ନବାନ ଅଛୁ। ଅଧା କାମ ସରିଲାଣି। ବାକି କାମ ପାଇଁ ୮୦ଲକ୍ଷ ଟଙ୍କା ହୋଇପାରିଲେ ସମସ୍ତ କାମ ହୋଇପାରିବ। ଆଶା ଅଛି ଯେ ଯଥାଶୀଘ୍ର ସଂସ୍କୃତି ବିଭାଗ ଏହି ଟଙ୍କା ପ୍ରଦାନ କରିବ। ଡିଜିଟାଇଜ୍ ହେବା ପରେ ଦିବଂଗତ ଗୁରୁମାନଙ୍କ ନୃତ୍ୟ ଶୈଳୀ ଦେଖି ପାରିବା ସହ ଓଡ଼ିଶୀ ନୃତ୍ୟର ଅଭିବୃଦ୍ଧି ସମ୍ପର୍କରେ ମଧ୍ୟ ଜାଣି ପାରିବେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଟିକି



@ ପ୍ରମୋଦ



@ ଗାୟତ୍ରୀ



@ ସୂର୍ଯ୍ୟକାନ୍ତ



@ ଅନନ୍ୟା

# ଘର ଭଳି ମଣ୍ଡପରେ ପୂଜା ପାଇବେ ମା'

**ଭୁବନେଶ୍ୱର, ୧୯।୧୦(ବ୍ୟୁରୋ)**

### ବିଏମ୍‌ସି ଗାଇଡ୍‌ଲାଇନ

ଭୁବନେଶ୍ୱରରେ କରୋନା ସଂକ୍ରମଣସ୍ଥିତିକୁ ଦୃଷ୍ଟିରେ ରଖି ବିଏମ୍‌ସି ପକ୍ଷରୁ ପାର୍ବଣ ଋତୁ ପାଇଁ ସ୍ୱତନ୍ତ୍ର ଗାଇଡ୍‌ଲାଇନ ଜାରି ହୋଇଛି। ଅକ୍ଟୋବର ଓ ନଭେମ୍ବରରେ ଲକ୍ଷ୍ମୀ ପୂଜା, କାଳୀ ପୂଜା, କାର୍ତ୍ତିକ ବ୍ରତ ଓ କାର୍ତ୍ତିକ ପୂର୍ଣ୍ଣିମା ଆଦି ପଡୁ ଥିବାରୁ ଭିଡ଼ ନ ହେବା ପାଇଁ କଟକଣାକୁ କଡ଼ାକଡ଼ି କରାଯାଇଛି। ଦୁର୍ଗା ପୂଜା ପରି କୋଭିଡ୍ କଟକଣା ମଧ୍ୟରେ ମଣ୍ଡପରେ ପୂଜାର୍ଚ୍ଚନା ହେବ। ବିଏମ୍‌ସି ଅଧୀନରେ ପୂଜା କରିବା ପାଇଁ କମିଟିକୁ କମିଶନରେଟ ପୋଲିସ ଅନୁମତି ଜରୁରୀ। ପୂଜା ସମୟରେ ମଣ୍ଡପରେ ଏକ ସମୟରେ ସର୍ବାଧିକ ୭ଜଣଙ୍କୁ ଅନୁମତି ମିଳିବ। ସେହିପରି ସାମାଜିକ ଦୂରତା ରକ୍ଷା କରିବା, ମାସ୍କ ପିନ୍ଧିବା ଓ ସାନିଟାଇଜ କରାଯିବା ବାଧ୍ୟତାମୂଳକ। ଘରେ ଯେମିତି ପୂଜା କରାଯାଇଥାଏ, ସେହିପରି ମଣ୍ଡପରେ ମଧ୍ୟ ପୂଜାର୍ଚ୍ଚନା ହେବ। କେବଳ ରୀତିନୀତିକୁ ଗୁରୁତ୍ୱ ଦିଆଯିବ। ପୂଜାରେ ଜନସାଧାରଣଙ୍କୁ ସାମିଲ କରାଯାଇପାରିବ ନାହିଁ। ପୂଜା ମଣ୍ଡପକୁ ୩ ପାର୍ଶ୍ୱରୁ ବନ୍ଦ କରାଯିବା ସହ ସମ୍ମୁଖ ପାର୍ଶ୍ୱରେ ପରଦା ରହିବ। ମଣ୍ଡପରେ ମୂର୍ତ୍ତିର ଉଚ୍ଚତା ସର୍ବାଧିକ ୪ ଫୁଟ ରହିବ। ମୂର୍ତ୍ତି ବିସର୍ଜନବେଳେ ମଧ୍ୟ କୌଣସି ପ୍ରକାରର ଆଡ଼ମ୍ବର ଶୋଭାଯାତ୍ରା, ବାଦ୍ୟ ଆଦି ବାଜିବ ନାହିଁ। ବିସର୍ଜନରେ ସର୍ବାଧିକ ୧୦ଜଣ ସାମିଲ ହୋଇପାରିବେ। ଯେଉଁମାନେ ମୂର୍ତ୍ତି ବିସର୍ଜନ କାର୍ଯ୍ୟକ୍ରମରେ ଯୋଗଦେବେ, ସେମାନେ ସମସ୍ତେ କୋଭିଡ୍ ଟିକାର ଉଭୟ ଡୋଜ୍ ନେଇଥିବା ଆବଶ୍ୟକ। ସେହିପରି ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ ଅଥବା ମନୋରଞ୍ଜନ କାର୍ଯ୍ୟକ୍ରମର ଆୟୋଜନକୁ ଅନୁମତି ମିଳିବ ନାହିଁ ବୋଲି ଗାଇଡ୍‌ଲାଇନରେ ଉଲ୍ଲେଖ ରହିଛି।



ଭୁବନେଶ୍ୱର ୟୁନିଟ୍-୨ ଅଞ୍ଚଳରେ ମଙ୍ଗଳବାର ମହମ୍ମଦ ଜୟନ୍ତୀ ପାଳନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।



ଭୁବନେଶ୍ୱର ମହାନଗର ନିଗମର ୱାର୍ଡ ନଂ. ୧୪ରେ ମହମ୍ମଦ ଜୟନ୍ତୀ ଅବସରରେ ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଓ ଅନ୍ୟମାନେ।

## ସଂକ୍ଷେପରେ

### ବିପ୍ଳବୀ ସାରଙ୍ଗଧର ଦାସଙ୍କ ଜୟନ୍ତୀ ପାଳିତ

**କଟକ ଅଫିସ, ୧୯।୧୦:** ସ୍ୱାଧୀନତା ସଂଗ୍ରାମୀ, ଗଡ଼ଜାତ ଗାନ୍ଧୀ ତଥା ବିପ୍ଳବୀ ସାରଙ୍ଗଧର ଦାସଙ୍କ ୧୩୪ତମ ଜୟନ୍ତୀ କଟକ ଝୋଲାସାହିସ୍ଥିତ ସାରଙ୍ଗଧର ଶିଶୁ ଉଦ୍ୟାନଠାରେ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ଡା. ରବି ରଞ୍ଜନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଚିତ୍ତରଞ୍ଜନ ମହାନ୍ତି, ମୁଖ୍ୟବକ୍ତା ନମିତା ପଣ୍ଡା, ବୈଷ୍ଣବ ଦାସ, ସମ୍ମାନିତ ଅତିଥି ଭାବେ ପ୍ରଶାନ୍ତ ଦାସ, ଲକ୍ଷ୍ମୀପ୍ରିୟା ମହାନ୍ତି, ପ୍ରଶାନ୍ତ ନାୟକ, ବିଦ୍ୟୁତ୍ ଲାଲା ଯୋଗଦେଇଥିଲେ। ଆଇନଜୀବୀ ଆକାଶ ଭୂୟାଁ ଧନ୍ୟବାଦ ଦେଇଥିଲେ। ସେହିପରି ଦୋଳମୁଣ୍ଡାଇସ୍ଥିତ କଟକ ଜିଲା ବିଜେଡ଼ି କାର୍ଯ୍ୟାଳୟରେ ସାରଙ୍ଗଧରଙ୍କ ଜୟନ୍ତୀ ପାଳିତ ହୋଇଛି। ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଶାନ୍ତ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୁଗଳ କିଶୋର ନାୟକ ଯୋଗଦେଇ କହିଥିଲେ, ବିଖଣ୍ଡିତ ଭାରତକୁ ଏକତ୍ରିତ କରିବାରେ ସାରଙ୍ଗଧରଙ୍କ ଅବଦାନ ଅତୁଳନୀୟ। ଏହି କାର୍ଯ୍ୟକ୍ରମରେ ଜିଲା ବିଜେଡ଼ି ଉପ ସଭାପତି ପ୍ରଫୁଲ୍ଲ ବେହେରା, ରାଜ୍ୟ ବିଜେଡ଼ି ସମ୍ପାଦକ ଶିଶିର ପରିଜା,କଟକ ନଗର ବିଜେଡ଼ି ସଭାପତି ମଧୁସୂଦନ ସାହୁ, ପୂର୍ବତନ କର୍ପୋରେଟର ରଞ୍ଜନ ବିଶ୍ୱାଳ, ଦେବେନ୍ଦ୍ର କାହାଳି ପ୍ରମୁଖ ଉପସ୍ଥିତ ରହିଥିଲେ। କଟକ ନଗର ବିଜେଡ଼ି ଉପସଭାପତି ରାଜେନ୍ଦ୍ର ରଣା ଧନ୍ୟବାଦ ଦେଇଥିଲେ।

### ସାମାଜିକ କାର୍ଯ୍ୟକ୍ରମରେ ଅସହାୟଙ୍କୁ ସାହାଯ୍ୟ

**ଭୁବନେଶ୍ୱର,୧୯।୧୦(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୬ ତମ ଜନ୍ମଦିବସ ଉପଲକ୍ଷେ ଶନିବାର ସ୍ଥାନୀୟ ଏକାମ୍ର ନିର୍ବାଚନ ମଣ୍ଡଳୀର ୱାର୍ଡ ନଂ ୫୦ ଅନ୍ତର୍ଗତ ବରମୁଣ୍ଡାଠାରେ ଏକ ସାମାଜିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ୱାର୍ଡ ପରିସରରେ ସଫେଇ, ବୃକ୍ଷରୋପଣ ଓ କୋଭିଡ୍ ସଚେତନତା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁଖ୍ୟମନ୍ତ୍ରୀଙ୍କ ଉତ୍ତମ ସ୍ୱାସ୍ଥ୍ୟ ଏବଂ ଦୀର୍ଘାୟୁ କାମନା କରି ବିଏମସିର ସଫେଇ କର୍ମଚାରୀ ଏବଂ ସ୍ଥାନୀୟ ଅଞ୍ଚଳର କିଛି ଅସହାୟଙ୍କୁ ନୂତନ ବସ୍ତ୍ର ଏବଂ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ତଥା ମନ୍ତ୍ରୀ ଅଶୋକ ପଣ୍ଡା, ପୂର୍ବତନ କର୍ପୋରେଟ ସୁଜିତ ସ୍ୱାଇଁ, ତ୍ରିଶକ୍ତି ମହିଳା ପରିଷଦର ସଭାନେତ୍ରୀ ସଂଯୁକ୍ତା ଭୁତିଆ, ଭିକାରି ପ୍ରଦାନ, ବାନାମ୍ବର ପ୍ରଧାନ, ଜଗନ୍ନାଥ ମାର୍ଥା, ପ୍ରଭାତ ପ୍ରଧାନ, ଉଗ୍ରସେନ ପାଇକରାୟ, ବଳରାମ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ଘରେ ଘରେ ଦିଆଯିବ ଖେଚୁଡ଼ି

**ଖୋର୍ଦ୍ଧା ଅଫିସ,୧୯।୧୦:** ଗଜଲକ୍ଷ୍ମୀ ପୂଜା ପାଇଁ ଖୋର୍ଦ୍ଧା ସହର ଚଳଚଞ୍ଚଳ ହୋଇଉଠିଛି। ସପ୍ତାହେ ବ୍ୟାପୀ ପୂଜା ହେଉଥିବା ବେଳେ ସ୍ନେହ, ସଦ୍ଭାବ ଏବଂ ଭାଇଚାରା ବାର୍ତ୍ତା ଦେଇଥାଏ। ଚଳିତବର୍ଷ କରୋନା ସାଜିଛି ବାଧକ। ପୁରୁଣା ବସଷ୍ଟାଣ୍ଡ ନବଜ୍ୟୋତି ଗଜଲକ୍ଷ୍ମୀ ପୂଜା କମିଟି ସର୍ବପୁରାତନ। କମିଟି ସଦସ୍ୟ ଜଟାଧାରୀ ବିଶୋୟୀଙ୍କ ସୂଚନା ଅନୁଯାୟୀ, ୧୯୭୨ ଅକ୍ଟୋବର ୨୨ରେ ପୂଜା ଆରମ୍ଭ ହୋଇଥିଲା। ଚଳିତବର୍ଷ ପୂଜା ୫୦ ବର୍ଷରେ ପହଞ୍ଚିଛି। ଏଠାରେ ଆକର୍ଷଣୀୟ ତୋରଣ, ଆଲୋକମାଳା ଉପରେ ଗୁରୁତ୍ୱ ଦିଆଯାଏ। କୋଭିଡ୍ କଟକଣା ଯୋଗୁ ଦୁଇ ବର୍ଷ ହେଲା ବନ୍ଦ ରହିଛି। ପୂଜା ଆୟୋଜନ ଠାରୁ ୫ଦିନ ଧରି ବହୁ ମାନସିକଧାରୀ ପରିବାର ଦୀପ ପ୍ରଜ୍ୱଳିତ କରନ୍ତି। ଗୁରୁବାର ମା'ଙ୍କ ନିକଟରେ ଖେଚୁଡ଼ି ଭୋଗ ହୋଇଥାଏ। ଏହାକୁ ବଣ୍ଟନ କରାଯାଇଥାଏ। ଚଳିତ ବର୍ଷ ପ୍ରାୟ ୨ହଜାର ଭକ୍ତଙ୍କୁ ଖେଚୁଡ଼ି ଭୋଗ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି। ବିସର୍ଜନ ବେଳେ ଶତାଧିକ ମହିଳା ମା'ଙ୍କ ବନ୍ଦାପନା କରିଥାନ୍ତି। ଶେଷରେ ସିନ୍ଦୂର ଖେଳ ହୋଇଥାଏ।

### ମଣିପୁର ହରିଣ ଶାବକ ଜନ୍ମ



**ବାରଙ୍ଗ,୧୯।୧୦(ଡି.ଏନ୍.ଏ.):** ପ୍ରାଣୀ ଉଦ୍ୟାନ ନନ୍ଦନକାନନର ୩୬ବି ଏନକ୍ଲୋଜରରେ ଥିବା ମଣିପୁର ହରିଣ ମଙ୍ଗଳବାର ସକାଳେ ଏକ ଶାବକ ଜନ୍ମ ଦେଇଛି । ଶାବକଟି ଜନ୍ମ ଦେବାପରେ ମା ଓ ଛୁଆ ଉଭୟ ସୁସ୍ଥ ରହିଛନ୍ତି। ଏହି ଶାବକଟିର ଜନ୍ମପରେ ନନ୍ଦନକାନନରେ ଏମାନଙ୍କ ସଂଖ୍ୟା ବୃଦ୍ଧି ପାଇ ୧୮ରେ ପହଞ୍ଚିଛି। ସେଥିମଧରେ ୧୧ଅଣ୍ଡିରା ଓ ୬ମାଇ ଏବଂ ଜନ୍ମିତ ଶାବକର ଲିଙ୍ଗ ନିରୂପଣ ହୋଇପାରି ନାହିଁ।

## ମହାଲକ୍ଷ୍ମୀଙ୍କ ଆରାଧନା



ଗଜଲକ୍ଷ୍ମୀ ପୂଜା ଅବସରରେ ମଙ୍ଗଳବାର ଜଗନ୍ନାଥ ନଗର ରୋଡ଼୍‌ଠାରେ ପୂଜା ପାଉଛନ୍ତି ମା' ଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି।



ଭୁବନେଶ୍ୱର ମା' ଗଜଲକ୍ଷ୍ମୀ ପୂଜା ସମିତି।



ବାଙ୍କୁଆଳ ଗଜଲକ୍ଷ୍ମୀ ପୂଜା କମିଟି ।



ଖାରପଡ଼ା ପୂଜା ସମିତି।



ଶହୀଦ ନଗର ପୂଜା ମଣ୍ଡପ।

### ନିରାଡ଼ମ୍ବରରେ ଗଜଲକ୍ଷ୍ମୀ ପୂଜା

ଭୁବନେଶ୍ୱର, ୧୯।୧୦ (ବ୍ୟୁରୋ)

ଜଗଜ୍ଜନନୀ ମା' ଦୁର୍ଗା ମେଲାଣି ନେବା ପରେ ମଙ୍ଗଳବାର ଧରାପୃଷ୍ଠକୁ ଓହ୍ଲାଇଛନ୍ତି ଧନଦାତ୍ରୀ ଦେବୀ ମା' ଲକ୍ଷ୍ମୀ। ଗଜଲକ୍ଷ୍ମୀଙ୍କ ପୂଜା ସହରର ବିଭିନ୍ନ ପୂଜାମଣ୍ଡପରେ ଆରମ୍ଭ ହୋଇଛି। ଚଳିତବର୍ଷ କୋଭିଡ୍ କଟକଣା ମଧ୍ୟରେ ରାଜଧାନୀର ବିଭିନ୍ନ ସ୍ଥାନରେ ନିରାଡମ୍ବର ଭାବେ ମା' ଲକ୍ଷ୍ମୀଙ୍କ ପୂଜା ପାଳନ କରାଯାଉଛି। ମଣ୍ଡପରେ କୌଣସି ସାଜସଜ୍ଜା ନାହିଁ କିମ୍ବା ଶ୍ରଦ୍ଧାଳୁଙ୍କ ଭିଡ଼ ନାହିଁ। କେବଳ ପୂଜାରୀଙ୍କ ଦ୍ୱାରା ସ୍ୱତନ୍ତ୍ର ନୀତିରେ ମା'ଙ୍କ ପୂଜାର୍ଚ୍ଚନା କରାଯାଉଛି। ବାପୁଜୀନଗର, ଶହୀଦ ନଗର, ଭିଏସ୍‌ଏସ୍ ନଗର, କୋଳଥିଆ, ୟୁନିଟ୍- ୪ ଓ ୯ ସମେତ ବିଭିନ୍ନ ମଣ୍ଡପରେ ମା'ଙ୍କ ଆବାହନ ପୂର୍ବକ ଚକ୍ଷୁଦାନ କରାଯାଇଛି। ସରକାରୀ କଟକଣା ଅନୁସାରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତିର ଉଚ୍ଚତା ୪ଫୁଟରୁ କମ୍ ରହିଛି। ସେହିପରି ପୂଜା ମଣ୍ଡପକୁ ୩ ପାର୍ଶ୍ୱରୁ ଆବଦ୍ଧ କରାଯାଇଥିବାବେଳେ ସମ୍ମୁଖ ପାର୍ଶ୍ୱରେ ଏକ ପରଦା ରହିଛି। ପୂଜା ସମୟରେ ସାଧାରଣ ସମାରୋହକୁ ଅନୁମତି ନାହିଁ।

### ଆଡ଼କାଠ ପାଖରେ ଦର୍ଶନ କରିବେ ଭକ୍ତ

ପୁରୁଣା ଭୁବନେଶ୍ୱର,୧୯।୧୦ (ଡି.ଏନ୍.ଏ.)

ପବିତ୍ର କାର୍ତ୍ତିକ ମାସରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରାଇଦାମୋଦର ବେଶ ଅନୁଷ୍ଠିତ ହେବ। ଏହି ବେଶ ପ୍ରତ୍ୟହ ଦୁଇଥର ଅନୁଷ୍ଠିତ ହେବ। କେବଳ ସକାଳ ଧୂପ ଏବଂ ସନ୍ଧ୍ୟା ଧୂପରେ ଲିଙ୍ଗରାଜଙ୍କ ଶକ୍ତି ଉପରେ ୧୨କେଜିରୁ ଉର୍ଦ୍ଧ୍ୱରୁ ରୁପା ସହ ବିଭିନ୍ନ ରଙ୍ଗର ପାଟବସ୍ତ୍ର ଲାଗି କରାଯାଇ ବେଶ ହୋଇଥାଏ। ଚଳିତବର୍ଷ କୋଭିଡ୍ କଟକଣା ପାଇଁ ଭକ୍ତ ଏବଂ ହବିଷିଆଳିମାନେ ଆଡ଼କାଠ ପାଖରେ ରହି ଦର୍ଶନ କରିପାରିବେ ବୋଲି ଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ ଅଧିକାରୀ ପ୍ରସନ୍ନ ଦାଶ କହିଛନ୍ତି।

## 'ସଚେତନତା ମାଧମରେ ସାଇବର ଠକେଇ ରୋକିହେବ'




ସଚେତନତା କାର୍ଯ୍ୟକ୍ରମରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଉଦ୍‌ବୋଧନ ଦେଉଛନ୍ତି।

କଟକ ଅଫିସ,୧୯।୧୦

### ଜାତୀୟ ସାଇବର ସୁରକ୍ଷା ମାସ ପାଳିତ

ଜାତୀୟ ସାଇବର ସୁରକ୍ଷା ମାସ ପାଳନ ଅବସରରେ କଟକ ସହରାଞ୍ଚଳ ପୋଲିସ ପକ୍ଷରୁ ବରିଷ୍ଠ ନାଗରିକଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ ହୋଇଯାଇଛି। ମର୍କତନଗର ସେକ୍ଟର-୯ସ୍ଥିତ ଏକ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ବିଭିନ୍ନ ସମୟରେ ବରିଷ୍ଠ ନାଗରିକମାନେ ସାଇବର ଠକେଇର ଶିକାର ହେଉଛନ୍ତି। ସାଇବର ଅପରାଧକୁ ରୋକିବା ଦେଶ ପାଇଁ ଏକ ଚ୍ୟାଲେଞ୍ଜ ହୋଇ ରହିଛି। ସଚେତନତା ମାଧମରେ ଏହାକୁ ରୋକାଯାଇପାରିବ। ତେଣୁ କମିଶନରେଟ୍ ପୋଲିସ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ କରାଯାଉଛି ବୋଲି ସେ କହିଥିଲେ। ଏଥିରେ ଡିସିପି କାର୍ଯ୍ୟାଳୟର ସାଇବର ସେଲ୍ ଇନ୍ସପେକ୍ଟର ରେଣୁବାଳା ତ୍ରିପାଠୀ, ଏସ୍‌ଆଇ ଗଣେଶ ସାହୁ, କନଷ୍ଟେବଲ ଅନିଲ ଯୋଗଦେଇ ସାଇବର ଠକେଇ ରୋକାଯିବା ଉପରେ ମତବ୍ୟକ୍ତ କରିଥିଲେ। ଭିଡିଓ ଭାଇରାଲ, ମୋବାଇଲ ଫୋନ୍‌ରେ ଆର୍ଥିକ କାରବାର ଉପରେ କ'ଣ କରିବା ଓ ନ କରିବା ଉଚିତ୍, ସେ ସମ୍ପର୍କରେ ସତର୍କ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଡିସିପି ପ୍ରତୀକ୍ ସିଂ, ଏସିପି ତାପସ ପ୍ରଧାନ, ମର୍କତ ନଗର ଥାନାଧିକାରୀ ବିଡିଟି ମହାନ୍ତିଙ୍କ ସମେତ ସିଡିଏ ଅଞ୍ଚଳର ଶତାଧିକ ବରିଷ୍ଠ ନାଗରିକ ଯୋଗଦେଇଥିଲେ। ୩୦ ତାରିଖ ପର୍ଯ୍ୟନ୍ତ କଟକ ସହରାଞ୍ଚଳ ପୋଲିସର ପ୍ରତି ଥାନା ଅଞ୍ଚଳରେ ଏହି ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ଜଣାପଡିଛି।

## ବାର୍‌ରେ ଯୁବକଙ୍କୁ ଆକ୍ରମଣ ଘଟଣା, ୨ ଗିରଫ

ଭୁବନେଶ୍ୱର,୧୯।୧୦(ବ୍ୟୁରୋ)

ଖାରବେଳନଗର ଥାନା ଅଞ୍ଚଳରେ ଏକ ବାର୍‌ରେ ଜଣେ ଯୁବକଙ୍କୁ ଆକ୍ରମଣ ଘଟଣାରେ ପୋଲିସ ଦୀର୍ଘ ୮ ମାସ ପରେ ଫେରାର ଥିବା ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଭଦ୍ରକ ଜିଲା ସଦର ଥାନା ଅଧୀନ ଚରମ୍ପା ଅଞ୍ଚଳର ସୁମନ ବାରିକ ଓ ଏୟାରଫିଲ୍ଡ ଥାନା ଅନ୍ତର୍ଗତ ସୁନ୍ଦରପଦା ହାଟସାହିର ବାଦଲ ସାହୁ। ଏହି ଘଟଣାରେ ଫେବୃଆରୀ ୧୬ରେ ମୁଖ୍ୟ ଅଭିଯୁକ୍ତ ପଦିଆ ସାହୁଙ୍କୁ ଗିରଫ କରାଯାଇଥିଲା। ସୂଚନା ଅନୁଯାୟୀ, ଗତ ଫେବୃୟାରୀ ୧୩ ତାରିଖ ସନ୍ଧ୍ୟାରେ ଶହୀଦ ନଗର ଥାନାର ଆର୍ଯ୍ୟ ବେଦାନ୍ତ ମ୍ୟାଡ୍ ମୁଲ୍ ବାରକୁ ଯାଇଥିବାବେଳେ ସେଠାରେ କେତେଜଣ ବାଉନ୍ସରଙ୍କ ସହ ତାଙ୍କର ପାଟିତୁଣ୍ଡ ହୋଇଥିଲା । ପରେ ୫ଜଣ ଆର୍ଯ୍ୟଙ୍କୁ ଆକ୍ରମଣ କରିବା ସହ ତାଙ୍କ ବେକକୁ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଫଳରେ ସେ ଆହତ ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଆର୍ଯ୍ୟଙ୍କ ବାପା ମହେନ୍ଦ୍ର ପ୍ରସାଦଙ୍କ ଅଭିଯୋଗକ୍ରମେ ପୋଲିସ ଥାନାରେ ଏକ ମାମଲା (ନଂ. ୫୪/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

**QUOTATION/TENDER CALL NOTICE**

**JANATA COLLEGE, BOINDA**

Sealed Quotation/Tender are invited from interested parties / firms having TIN/PAN No./ Registration No., Valid GST and other relevant documents for supply of Book Racks to Janata College, Boinda, Dist.- Angul. Details of terms and conditions, description of item and other eligibility criteria are available in the website: www.janatacollegeboinda.org.

Sd./- Principal, Janata College, Boinda
Mob.: 9437331225

**OFFICE OF THE EXECUTIVE ENGINEER, RWS&S DIVISION, KENDRAPARA**

At:Ichhapur, Post : Shree Baladevjew
Email: eerwsskendrapara@gmail.com

**INVITATIONS FOR BIDS (IFB) [e-Procurement]**
**Bid Identification No. RWS/ 42 /2021-22**

No. O-837:- Letter No. 5014 / Dated. 11.10.2021

| | | | |
|---|---|---|---|
| 1 | The Executive Engineer, RWS&S Division, Kendrapara on behalf of Governor of Odisha invites urgent basis lump sum bid in single cover system in ONLINE MODE from eligible contractors for sinking of different 200 mm dia Production well for different Rural Piped Water Supply Schemes in Kendrapara District. | | |
| 2 | Name of the work | : | Sinking of 200 mm dia Production well through Mud Rotary Rig for different RPWS Schemes in Kendrapara district |
| 3 | No. of Work | : | 11 Nos. (Eleven) only |
| 4 | Value of the Work | : | Rs.5.91 Lakhs to Rs.6.30 Lakhs |
| 5 | Concerned tender inviting authority | : | Executive Engineer, RWS&S Division, Kendrapara |
| 6 | Cost of Bid documents (Rs.) (Online) | : | Rs.4000.00 |
| 7 | Class of Bidder | : | " D" and "C" |
| 8 | Period of Completion | : | 45 days |
| 9 | Availability of bid documents in the website | : | From date. 25.10.2021 at 10.00 A.M to date. 08.11.2021, 5.30 P.M. |
| 10 | Last Date & time of seeking tender clarification | : | Upto 03.11.2021 upto 5.30 P.M. |
| 11 | Date of oening of bid | : | 09.11.2021 at 11.00 A.M. |

The bidders have to participate in the tender through ONLINE bidding only. Further details can be had from the website i.e. http://tendersodisha.gov.in.
Subsequent corrigendum / addendum if required shall only be appeared in the above website.

Sd./- Executive Engineer, RWS&S Division, Kendrapara
OIPR-25004/11/0019/2122

## 'ଋତୁସ୍ରାବକୁ ନେଇ ସମାଜରେ ଭୁଲ୍ ଧାରଣା ରହିଛି'

ଭୁବନେଶ୍ୱର, ୧୯।୧୦(ବ୍ୟୁରୋ)

### କଲ୍ଲୋଳ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରତିଯୋଗିତା ପାଇଁ ଆହ୍ୱାନ




କଲ୍ଲୋଳ-୨୦୨୧ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରତିଯୋଗିତା'ର ସପ୍ତମ ସଂସ୍କରଣ ଉଦ୍‌ଘାଟନ ଉତ୍ସବରେ ଅତିଥିମାନେ ପୋଷ୍ଟର ଉନ୍ମୋଚନ କରୁଛନ୍ତି।

ଆଇନା ଏବଂ ୟୁନିସେଫ୍ ଓଡ଼ିଶା ସହଭାଗିତାରେ କଲ୍ଲୋଳ-୨୦୨୧ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରତିଯୋଗିତା'ର ସପ୍ତମ ସଂସ୍କରଣ ଉଦ୍‌ଘାଟନ ଉତ୍ସବ ମଙ୍ଗଳବାର ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ 'ଋତୁସ୍ରାବ ସ୍ୱଚ୍ଛତା ଓ ସ୍ୱାସ୍ଥ୍ୟରକ୍ଷା' ବିଷୟବସ୍ତୁକୁ ନେଇ କ୍ଷୁଦ୍ର ଚଳଚ୍ଚିତ୍ର ଆହ୍ୱାନ କରାଯାଇଛି। ମଙ୍ଗଳବାର ଏହାର ପୋଷ୍ଟର ଉନ୍ମୋଚିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ୟୁନିସେଫ ଦ୍ୱାରା ଆୟୋଜିତ ରେଡ୍ ଡଟ୍ କ୍ୟାମ୍ପେନର ଆମ୍ବାସାଡର ତଥା ଓଡ଼ିଆ ଅଭିନେତ୍ରୀ ଅର୍ଚ୍ଚିତା ସାହୁ ଯୋଗଦେଇ କହିଛନ୍ତି, ଆମେ ଯେଉଁ ସମସ୍ୟାଗୁଡ଼ିକୁ ସାମ୍ନା କରିଛେ ତାକୁ ଆମ ଆଗାମୀ ପିଢ଼ି ଯେପରି ସାମ୍ନା ନ କରନ୍ତୁ। ଏଥିପାଇଁ ଆମକୁ ସଚେତନ ହେବା ସହ ଆମ ଉତ୍ତରପୀଢ଼ି କିପରି ସଚେତନ ହେବେ ସେଥିପ୍ରତି ଧ୍ୟାନ ଦେବାକୁ ହେବ। ୟୁନିସେଫ୍ ଓଡ଼ିଶାର ମୁଖ୍ୟ ଡ. ମୋନିକା ନେଲସନ୍ ଯୋଗଦେଇ କହିଥିଲେ, ଋତୁସ୍ରାବକୁ ନେଇ ସମାଜରେ ଚାଲିଥିବା ଭୁଲଧାରଣାକୁ ଭାଙ୍ଗିବା ଏବଂ ଏଥିସହ ଜଡ଼ିତ ଭୟ ଓ ଲଜ୍ଜାକୁ ଦୂର କରିବା ଦିଗରେ ଏହା ପ୍ରଥମ ପଦକ୍ଷେପ ହୋଇପାରେ। ଏହି ଚଳଚ୍ଚିତ୍ର ନିର୍ମାଣ କର୍ମଶାଳା ମାଧମରେ କିଶୋରମାନେ ସ୍କ୍ରିପ୍ଟ ଲେଖିବା, ଚଳଚ୍ଚିତ୍ରର ସୁଟିଂ ଏବଂ ସମ୍ପାଦନା ଶିଖିବେ। ପରେ ଏହା ଦ୍ୱାରା ପ୍ରସ୍ତୁତ ସିନେମାରେ ସେମାନଙ୍କର ଦୃଷ୍ଟିକୋଣ ଏବଂ ଚିନ୍ତାଧାରାର ପ୍ରକୃତ ପ୍ରତିନିଧିତ୍ୱ କରିବେ। ଏହି କର୍ମଶାଳା ପିଲାମାନଙ୍କୁ ଦେଇଥିବା ସମ୍ଭାବନାକୁ ନେଇ ଆମେ ଉତ୍ସାହିତ ଏବଂ ସେମାନଙ୍କର ଚଳଚ୍ଚିତ୍ର ଦେଖିବା ପାଇଁ ଆମେ ଖୁବ୍ ଆଗ୍ରହୀ।

ଏହି ଅବସରରେ ଆଇନାର ସମ୍ପାଦିକା ସ୍ନେହ ମିଶ୍ର କହିଥିଲେ, ଋତୁସ୍ରାବକୁ ନେଇ ସମାଜରେ ଏବେ ମଧ ଅନେକ ଭୁଲ ଧାରଣା ଚାଲିଆସୁଛି, ଯାହାକୁ ବଦଳାଇବା ନିହାତି ଆବଶ୍ୟକ। ଏହି ବର୍ଷର ସହଯୋଗୀ ଅନୁଷ୍ଠାନ ଆଇଆର୍‌ସି, ୟୁଥ୍ ଫର୍ ୱାଟର ଓ ସୁଜାନାର ସହଭାଗିତାରେ ଏହି କାର୍ଯ୍ୟକ୍ରମରେ ଆମେ ଓଡ଼ିଶା ବାହାରୁ ମଧ ଚଳଚ୍ଚିତ୍ରର ଆସିବାର ଆଶା ରଖିଛୁ। ଏହି ବର୍ଷ ଚଳଚ୍ଚିତ୍ର ନିର୍ମାତାଙ୍କୁ ଫିଲ୍ମ ପାଇଁ ଅଧିକ ସମୟ ଦିଆଯାଇଛି। ଯାହା ଫଳରେ ବିଷୟବସ୍ତୁକୁ ନେଇ ସୁନ୍ଦର ସୁନ୍ଦର ପରିକଳ୍ପନା କରିବା ପାଇଁ ସେମାନଙ୍କୁ ଯଥେଷ୍ଟ ସମୟ ମିଳିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ପିଲାମାନେ ସେମାନଙ୍କ କଥାକୁ ନେଇ ଚଳଚ୍ଚିତ୍ର ତିଆରି କରିବେ। ଅନ୍ୟମାନଙ୍କ ମଧ୍ୟରେ ୟୁନିସେଫ୍‌ର କମ୍ୟୁନିକେଶନ ବିଶେଷଜ୍ଞ ରାଧିକା ଶ୍ରୀବାସ୍ତବ ପିଲାଙ୍କର ସହଭାଗିତାକୁ ଗୁରୁତ୍ୱ ଦେଇଥିଲେ। ୟୁନିସେଫ୍‌ର ୱାସ୍ ବିଶେଷଜ୍ଞ ସିପ୍ରା ସକ୍ସେନା କହିଥିଲେ, ଏହା କେବଳ ଝିଅ ବା ମହିଳାଙ୍କ ସମସ୍ୟା ନୁହେଁ, ପୁରୁଷମାନେ ମଧ ଏ ବିଷୟରେ ଆଲୋଚନା କରିବା ଦରକାର।

NATION TAX MARKET GST
COMMISSIONERATE OF CT & GST (Under Finance Department; GOVERNMENT OF ODISHA)
No. S-18

**ଜିଏସ୍‌ଟି ଟିକସଦାତା, ଦୟାକରି ଧ୍ୟାନ ଦିଅନ୍ତୁ!**

**ବିଳମ୍ବିତ GSTR-3B ଦାଖଲ କରିବା ନିମିତ୍ତ ସର୍ବକ୍ଷମା ଯୋଜନାର ଶେଷ ତାରିଖ ୩୦ ନଭେମ୍ବର ୨୦୨୧ ପର୍ଯ୍ୟନ୍ତ ବୃଦ୍ଧି**

- ବିଜ୍ଞପ୍ତି ସଂଖ୍ୟା ୧୯/୨୦୨୧, ତାରିଖ ୧ ଜୁନ ୨୦୨୧ ଅନୁଯାୟୀ ଜୁଲାଇ ୨୦୧୭ରୁ ଏପ୍ରିଲ ୨୦୨୧ ମଧ୍ୟରେ ବକେୟା ଥିବା ସମସ୍ତ GSTR-3B ରିଟର୍ଣ୍ଣଗୁଡ଼ିକୁ ୧ ଜୁନ ୨୦୨୧ରୁ ୩୧ ଅଗଷ୍ଟ ୨୦୨୧ ମଧ୍ୟରେ ଦାଖଲ କଲେ ବିଳମ୍ବ ଶୁଳ୍କ ହ୍ରାସ କରିବା ପାଇଁ ଧାର୍ଯ୍ୟ କରାଯାଇଥିଲା ।
- ବର୍ତ୍ତମାନ ସରକାର ଉପରୋକ୍ତ ରିଟର୍ଣ୍ଣଗୁଡ଼ିକୁ ଦାଖଲ କରିବାର ଶେଷ ତାରିଖକୁ ୩୦ ନଭେମ୍ବର ୨୦୨୧ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି (ବିଜ୍ଞପ୍ତି ସଂଖ୍ୟା ୩୩/୨୦୨୧, ତାରିଖ ୨୯ ଅଗଷ୍ଟ ୨୦୨୧ ଦ୍ରଷ୍ଟବ୍ୟ) ।
- ଉପରୋକ୍ତ Tax period ମାନଙ୍କ ପାଇଁ ଯେଉଁ ଟିକସଦାତାମାନେ ସେମାନଙ୍କ GSTR-3B ଦାଖଲ କରିନାହାନ୍ତି, ସେମାନେ ନିଜର ବକେୟା ରିଟର୍ଣ୍ଣଗୁଡ଼ିକୁ ୩୦ ନଭେମ୍ବର ୨୦୨୧ ପୂର୍ବରୁ ଦାଖଲ କରି ଏହି ଏକକାଳୀନ ସର୍ବକ୍ଷମା ଯୋଜନାର ଲାଭ ଉଠାଇପାରିବେ ।

Help Desk: 1800-345-6753 (Toll Free)
email: ctdho@odishatax.gov.in

ବାଣିଜ୍ୟକର ଓ ଜିଏସ୍‌ଟି ଆୟୁକ୍ତ
ଓଡ଼ିଶା ସରକାର, କଟକ
OIPR-05006/11/0005/2122

## ସଂକ୍ଷେପରେ

### କୃଷ୍ଣଚରଣ ପାଠାଗାର ଉଦ୍‌ଘାଟିତ

**କଟକ ସଦର, ୧୯।୧୦ (ଡି.ଏନ.ଏ.):** କଟକ ସଦର ବ୍ଲକ ଅନ୍ତର୍ଗତ ୪୨ ମୌଜା ଶିଶୁଆ ଗ୍ରାମରେ କୃଷ୍ଣଚରଣ ପାଠାଗାର ରବିବାର ଉଦ୍‌ଘାଟିତ ହୋଇଯାଇଛି। କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଲେଖକ ପଣ୍ଡିତ ସୂର୍ଯ୍ୟମଣି ଖୁଣ୍ଟିଆ ଏହାକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷାବିତ୍ ଶିବ ଚରଣ ମାଝିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ କଥାକାର ତରୁଣ କୁମାର ସାହୁ ମୁଖ୍ୟ ଅତିଥି ଓ ଗାଳ୍ପିକ ସୁରେଶ ଛୋଟରାୟ ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇଥିଲେ। ସାହିତ୍ୟିକ ଡ. ବନପ୍ରଭା ପରିଡ଼ାଙ୍କ ଲିଖିତ ପୁସ୍ତକ 'ମଥୁରାରୁ ମଧୁବନ' ଉନ୍ମୋଚିତ ହୋଇଥିଲା। ଏହି ଉତ୍ସବରେ ସୁନୀଲ ମିଶ୍ର, କୈଳାସ ଚନ୍ଦ୍ର ପଣ୍ଡା, ଦିଲୀପ କୁମାର ବେଉରା, ଶ୍ୟାମସୁନ୍ଦର ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ।

### ଆକ୍ରମଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**କଟକ ଅଫିସ, ୧୯।୧୦:** ଦୁର୍ବୃତ୍ତଙ୍କ ଆକ୍ରମଣରେ ଆହତ ହୋଇଥିବା ବାଦାମବାଡି ଅଟୋ ମହାସଂଘର ସଭାପତି ଦେବେନ୍ଦ୍ର ପାଣିଗ୍ରାହୀଙ୍କୁ ମଙ୍ଗଳବାର ତାଙ୍କ ବାସଭବନରେ ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ଭେଟିଛନ୍ତି। ଏଥିସହ ପାଣିଗ୍ରାହୀଙ୍କ ସ୍ୱାସ୍ଥ୍ୟ ବସ୍ଥା ବୁଝିବା ପରେ ଆରୋଗ୍ୟ କାମନା କରିଥିଲେ। ଉକ୍ତ ଘଟଣାକୁ ନିନ୍ଦା କରିବା ସହ ଆକ୍ରମଣକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ମୋକିମ ଦାବି କରିଥିଲେ। ସୂଚନାଯୋଗ୍ୟ, ଗତ ସୋମବାର ପାଣିଗ୍ରାହୀ ଏକ ସ୍କୁଟିରେ ହାଇକୋର୍ଟ ପଟୁ ନେତାଜୀ ସୁଭାଷ ସେତୁଦେଇ ତ୍ରିଶୂଳିଆ ଆଡେ ଯାଉଥିବାବେଳେ କେତେଜଣ ଦୁର୍ବୃତ୍ତ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ତାଙ୍କ ଗୋଡରେ ଗଭୀର କ୍ଷତ ସୃଷ୍ଟି ହେବାରୁ ସିଟି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

### ମଣିପୁର ହରିଣ ଶାବକ ଜନ୍ମ

**ବାରଙ୍ଗ,୧୯।୧୦(ଡି.ଏନ୍.ଏ.):** ପ୍ରାଣୀ ଉଦ୍ୟାନ ନନ୍ଦନକାନନର ୩୬ବି ଏନକ୍ଲୋଜରରେ ଥିବା ମଣିପୁର ହରିଣ ମଙ୍ଗଳବାର ସକାଳେ ଏକ ଶାବକ ଜନ୍ମ ଦେଇଛି । ଶାବକଟି ଜନ୍ମ ଦେବାପରେ ମା ଓ ଛୁଆ ଉଭୟ ସୁସ୍ଥ ରହିଛନ୍ତି। ଏହି ଶାବକଟିର ଜନ୍ମପରେ ନନ୍ଦନକାନନରେ ଏମାନଙ୍କ ସଂଖ୍ୟା ବୃଦ୍ଧି ପାଇ ୧୮ରେ ପହଞ୍ଚିଛି। ସେଥିମଧ୍ୟରେ ୧୧ଅଣ୍ଡିରା ଓ ୬ମାଇ ଏବଂ ଜନ୍ମିତ ଶାବକର ଲିଙ୍ଗ ନିରୂପଣ ହୋଇପାରି ନାହିଁ।

### ଥାନାରେ ଦାଖଲ ହୋଇନି ପୂଜା ଅନୁମତିପତ୍ର

**କଟକ ସଦର, ୧୯।୧୦(ଡି.ଏନ୍.ଏ.):** କିଶନ ନଗର ଥାନା ଅଞ୍ଚଳର ବିଭିନ୍ନ ମଣ୍ଡପରେ ମଙ୍ଗଳବାର ସନ୍ଧ୍ୟାରୁ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି। ପୂଜା ସମୟରେ ବିଭିନ୍ନ କମିଟି କୋଭିଡ୍‌ଗାଇଡ୍ ପାଳନ କରୁ ନ ଥିବା ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି। ଏହି ଥାନା ଅଞ୍ଚଳରେ ଗଜଲକ୍ଷ୍ମୀ ପୂଜା କରିବାକୁ ହେଲେ ସ୍ଥାନୀୟ ତହସିଲଦାରଙ୍କଠାରୁ ଅନୁମତିପତ୍ର ଆଣିବାକୁ ହେବ ଓ ତାହାକୁ ଥାନାରେ ଦାଖଲ କରିବା ପାଇଁ ଗାଇଡ୍‌ଲାଇନ୍‌ରେ ଉଲ୍ଲେଖ କରାଯାଇଛି। ହେଲେ ମଙ୍ଗଳବାର ସନ୍ଧ୍ୟାସୁଦ୍ଧା ପୂଜା କମିଟିର କର୍ମକର୍ତ୍ତାମାନେ ଅନୁମତିପତ୍ର ପୋଲିସ ନିକଟରେ ଦାଖଲ କରି ନ ଥିବା ଥାନାଧିକାରୀ ସସ୍ମିତା ରଣା କହିଛନ୍ତି। ତଥାପି ପୂଜା କମିଟି କର୍ମକର୍ତ୍ତାଙ୍କ ପାଖରେ ଅନୁମତିପତ୍ର ରହିଛି କି ନାହିଁ ତାହାର ଅନୁସନ୍ଧାନ କରାଯାଉଛି ବୋଲି ରଣା ସୂଚନା ଦେଇଛନ୍ତି।

# ବିକ୍ରି ହେଉନି ବାଉଁଶ ସାମଗ୍ରୀ, ଚିନ୍ତାରେ ବ୍ୟବସାୟୀ


କାଠଯୋଡି ରିଂବନ୍ଧ ରାସ୍ତା ପାର୍ଶ୍ୱରେ ବିକ୍ରି ପାଇଁ ରଖାଯାଇଥିବା ବାଉଁଶ ସାମଗ୍ରୀ।

**କଟକ ଅଫିସ, ୧୯।୧୦**

କଟକ ସହରରେ ବହୁବର୍ଷର ପୁରୁଣା ଦେବୀଗଡା ମାର୍କେଟ। ପ୍ରତିବର୍ଷ ଦଶହରା ସମୟରେ କାଠଯୋଡି ରିଂବନ୍ଧର ମଲାଚଣ୍ଡିଆ ଛକଠାରୁ ପୁରୀଘାଟ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ବାଉଁଶଜାତ ସାମଗ୍ରୀ ବିକ୍ରି କରାଯାଏ। ହେଲେ କରୋନା ମହାମାରୀ ଯୋଗୁ ୨ ବର୍ଷ ହେବ ବ୍ୟବସାୟ ମାନ୍ଦା ହୋଇଛି। ଚଳିତବର୍ଷ ତିଗିରିଆ, ଭଞ୍ଜନଗର, ଆସିକା, ଆଠଗଡ଼ ଆଦି ସ୍ଥାନରୁ ବ୍ୟବସାୟୀମାନେ ଆସି ଏଠାରେ ବାଉଁଶଜାତ ସାମଗ୍ରୀ ବିକ୍ରି ପାଇଁ ଦୋକାନ କରିଛନ୍ତି। ଆଶା କରିଥିଲେ ଭଲ ରୋଜଗାର ହେବ ଓ ସେଥିରେ ପରିବାର ପ୍ରତିପୋଷଣ ହେବ। ହେଲେ କରୋନା ମହାମାରୀ ସେମାନଙ୍କ ଆଶା ଛଡାଇ ନେଇଛି। ଦୋକାନରେ ଆଗଭଳି ଗ୍ରାହକଙ୍କ ଭିଡ ନାହିଁ। ବହୁ ଜିନିଷ ବିକ୍ରି ନ ହୋଇ ପଡିରହିଛି। ଏବେ ସେମାନଙ୍କୁ ପରିବାର ପ୍ରତିପୋଷଣ ଚିନ୍ତା ଘାରିଛି। ସାମଗ୍ରୀ ବିକ୍ରି ନ ହେବାରୁ ଅନେକ ବ୍ୟବସାୟୀ ଘରକୁ ଫେରିଯାଇଥିବା ଜଣାପଡିଛି।

## ଏମାନେ କ'ଣ କୁହନ୍ତି...


" ୩୫ ବର୍ଷ ହେବ ଏଠାକୁ ବ୍ୟବସାୟ କରିବାକୁ ଆସୁଛି। ପ୍ରତିବର୍ଷ ୨୫ରୁ ୩୦ ହଜାର ଟଙ୍କାର ସାମଗ୍ରୀ ବିକ୍ରି ହୋଇଥାଏ। ହେଲେ କରୋନା ଯୋଗୁ ୨ ବର୍ଷ ହେବ ବେପାର କମିଛି। ଚଳିତବର୍ଷ ୬/୭ ହଜାର ଟଙ୍କାର ସାମଗ୍ରୀ ବିକ୍ରି ହୋଇଛି।

-ଜି. ତିରୁପତି, ବ୍ୟବସାୟୀ, ଆସିକା


" ପୂର୍ବ ବର୍ଷଠାରୁ କମ ସାମଗ୍ରୀ ଧରି ଆସିଛୁ। ଭାବିଥିଲୁ ଗତବର୍ଷ ପରି ନ ହେଲେ ନାହିଁ କିଛି ତ ବେପାର ହେବ। ତାହା ମଧ ହେଲାନାହିଁ। ଏଠାକୁ ଆସିବା ୫ ଦିନ ହେଲାଣି, ସାମଗ୍ରୀ ସେମିତି ପଡିରହିଛି।

-ଏମ୍. ସରସ୍ୱତୀ, ବ୍ୟବସାୟୀ, ଭଞ୍ଜନଗର


" ଗତବର୍ଷ ଠାରୁ ଚଳିତବର୍ଷ ବେପାର ପୂରା ମାନ୍ଦା । ୫୦ ହଜାର ଟଙ୍କାର ଜିନିଷ ଆଣିଥିଲି। ହେଲେ ବେପାର ନ ହେବାରୁ ଅନେକ ଜିନିଷ ଘରକୁ ପଠାଇ ଦେଲି । ଅଳ୍ପ କିଛି ସାମଗ୍ରୀ ରଖି କୁମାରପୂର୍ଣ୍ଣିମା ପର୍ଯ୍ୟନ୍ତ ବସିବି।

-ଜି. ପ୍ରଶାନ୍ତ, ବ୍ୟବସାୟୀ, ବ୍ରହ୍ମପୁର


" ଏହା ଆମର କୌଳିକ ବୃତ୍ତି । ୮୦ ବର୍ଷ ବୟସରେ ବି ବିକ୍ରି ପାଇଁ ଏଠାକୁ ଆସୁଛି। ଏଠାରେ ଭଲ ବ୍ୟବସାୟ ହୁଏ । ହେଲେ ଏବେ କରୋନା ମହାମାରୀ ଓ ବର୍ଷା ଯୋଗୁ ବେପାର ମାନ୍ଦା ହୋଇଯାଇଛି।

-ଏମ୍. ସୋନା, ବ୍ୟବସାୟୀ, ଭଞ୍ଜନଗର


" ପ୍ରତିବର୍ଷ ଦଶହରା ସମୟରେ ଏଠାକୁ ବିକ୍ରି ପାଇଁ ଆସୁଛି। ଗୋଟେ ଗୋଟେ ଦିନ ପ୍ରାୟ ୧୦ ହଜାର ଟଙ୍କାର ସାମଗ୍ରୀ ବିକ୍ରି ହୋଇଥାଏ। ଏବେ କଟକଣା କାରଣରୁ ଆଗଭଳି ବେପାର ନାହିଁ। ଏପରିକି ଗୋଟିଏ ଦିନରେ ୫୦୦ ଟଙ୍କା ବି ବେପାର ହେଉନାହିଁ।

-ପ୍ରତିମା ସିଂହ, ବ୍ୟବସାୟୀ, ତିଗିରିଆ

# 'ସଚେତନତା ମାଧ୍ୟମରେ ସାଇବର ଠକେଇ ରୋକିହେବ'



ସଚେତନତା କାର୍ଯ୍ୟକ୍ରମରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଉଦ୍‌ବୋଧନ ଦେଉଛନ୍ତି

**କଟକ ଅଫିସ,୧୯।୧୦**

### ଜାତୀୟ ସାଇବର ସୁରକ୍ଷା ମାସ ପାଳିତ

ଜାତୀୟ ସାଇବର ସୁରକ୍ଷା ମାସ ପାଳନ ଅବସରରେ କଟକ ସହରାଞ୍ଚଳ ପୋଲିସ ପକ୍ଷରୁ ବରିଷ୍ଠ ନାଗରିକଙ୍କ ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମର୍କତନଗର ସେକ୍ଟର-୯ସ୍ଥିତ ଏକ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ବିଭିନ୍ନ ସମୟରେ ବରିଷ୍ଠ ନାଗରିକମାନେ ସାଇବର ଠକେଇର ଶିକାର ହେଉଛନ୍ତି। ସାଇବର ଅପରାଧକୁ ରୋକିବା ଦେଶ ପାଇଁ ଏକ ଚ୍ୟାଲେଞ୍ଜ ହୋଇରହିଛି। ସଚେତନତା ମାଧ୍ୟମରେ ଏହାକୁ ରୋକାଯାଇପାରିବ। ତେଣୁ କମିଶନରେଟ୍ ପୋଲିସ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ କରାଯାଉଛି ବୋଲି ସେ କହିଥିଲେ। ଏଥିରେ ଡିସିପି କାର୍ଯ୍ୟାଳୟର ସାଇବର ସେଲ୍ ଇନ୍ସପେକ୍ଟର ରେଣୁବାଳା ତ୍ରିପାଠୀ, ଏସ୍‌ଆଇ ଗଣେଶ ସାହୁ, କନଷ୍ଟେବଳ ଅନିଲ ଯୋଗଦେଇ ସାଇବର ଠକେଇ ରୋକାଯିବା ଉପରେ ମତବ୍ୟକ୍ତ କରିଥିଲେ। ଭିଡିଓ ଭାଇରାଲ, ମୋବାଇଲ ଫୋନ୍‌ରେ ଆର୍ଥିକ କାରବାର ଉପରେ କ'ଣ କରିବା ଓ ନ କରିବା ଉଚିତ୍, ସେ ସମ୍ପର୍କରେ ସତର୍କ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଡିସିପି ପ୍ରତୀକ୍ ସିଂ, ଏସିପି ତାପସ ପ୍ରଧାନ, ମର୍କତ ନଗର ଥାନାଧିକାରୀ ବିଉଟି ମହାନ୍ତିଙ୍କ ସମେତ ସିଡିଏ ଅଞ୍ଚଳର ଶତାଧିକ ବରିଷ୍ଠ ନାଗରିକ ଯୋଗଦେଇଥିଲେ। ସେହିପରି ସନ୍ଧ୍ୟାରେ ଦରଘା ବଜାର ଥାନା ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ କଟକ ସହରାଞ୍ଚଳ ପୋଲିସର ପ୍ରତି ଥାନା ଅଞ୍ଚଳରେ ଏହି ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ଜଣାପଡିଛି।

### ନବ କିଶୋର ସାହୁ ସ୍ମାରକୀ ଫୁଟ୍‌ବଲ
## ସେମିରେ ୟୁନୁସ୍ କ୍ଲବ

**ସାଲେପୁର,୧୯।୧୦(ଡି.ଏନ୍.ଏ)**

ସାଲେପୁର ବ୍ଲକ୍ ଗୋପୀନାଥପୁରସ୍ଥିତ ହରିଡା ପଡିଆରେ ଚାଲିଥିବା ନବମ ନବ କିଶୋର ସାହୁ ସ୍ମାରକୀ ଫୁଟ୍‌ବଲ ପ୍ରତିଯୋଗିତାରେ କଟକସ୍ଥିତ ସୂତାହାଟର ୟୁନୁସ୍ ଫୁଟ୍‌ବଲ କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ୩ୟ ଦିବସରେ ୟୁନୁସ୍ କ୍ଲବ ଓ କଟକ ବିଡାନାସୀର ମର୍ନିଂ ଫୁଟବଲ କ୍ଲବ ମଧ୍ୟରେ ମ୍ୟାଚ ହୋଇଥିଲେ। ଏଥିରେ ୟୁନୁସ୍ କ୍ଲବ ୧-୦ ଗୋଲରେ ବିଜୟୀ ହୋଇଛି। ରେଫରି ଦୈତାରି କାରୁଆ, ସଞ୍ଜୀବ ଦାଶ,ଜ୍ୟୋତି ରଞ୍ଜନ ସ୍ୱାଇଁ ଓ ରସାନନ୍ଦ ସାମଲ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଗୋପୀନାଥପୁର ସରପଞ୍ଚ ଦିଲୀପ କୁମାର ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଗଣେଶ ଚନ୍ଦ୍ର ନାୟକ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

## ଆଇନ ସଚେତନତା କାର୍ଯ୍ୟକ୍ରମ

**ତିଗିରିଆ,୧୯।୧୦(ଡି.ଏନ୍.ଏ. )**

ତିଗିରିଆ ବ୍ଲକ ଅନ୍ତର୍ଗତ ପୁରୁଣା ତିଗିରିଆ ପଞ୍ଚାୟତର ପାଇଁକିଆରା ଗ୍ରାମରେ ତାଲୁକ ଆଇନ ସେବା କମିଟି ତିଗିରିଆ ତରଫରୁ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ ତଥା ତିଗିରିଆ କୋର୍ଟ ବିଚାରପତି ସୁମିତ୍ରା କୁମାରୀ ଦାଶ ଏଥିରେ ଅଧ୍ୟକ୍ଷତା କରି ଗରିବ ଲୋକ ବିନା ମୂଲ୍ୟରେ କିପରି ଆଇନ ସହାୟତା ପାଇପାରିବେ ସେ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ମଙ୍ଗଳ କୃଷ୍ଣ ଦାସ,ପଠାଣି ଚରଣ ବେହେରା, ରମେଶ ମାଝି ଓ ଶାନ୍ତନୁ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଜଗନ୍ନାଥ ପୂଜା ମଣ୍ଡପରେ ଅବଢ଼ା ମିଳିବ ନାହିଁ

**ବାଙ୍କୀ,୧୯।୧୦,(ସ୍ୱ.ପ୍ର.)**

କରୋନା କଟକଣା ପାଇଁ ବାଙ୍କୀରେ ଚଳିତ ବର୍ଷ କୁମାରପୂର୍ଣ୍ଣିମା ଯାତ୍ରା ଫିକା ପଡ଼ିଛି। ପୂଜା ମଣ୍ଡପଗୁଡିକରେ ବିନା ଆଡ଼ମ୍ବରରେ ରୀତିନୀତି ଅନୁସାରେ ସମସ୍ତ କାର୍ଯ୍ୟକ୍ରମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବାଙ୍କୀର ସ୍ଥାୟୀ ମଣ୍ଡପ ଗୁଡ଼ିକ ମଧ୍ୟରେ ମେଡିକାଲ ରୋଡରେ ଅନୁଷ୍ଠିତ ପୂଜା ୧୯୮୧ରୁ ଆରମ୍ଭ ହୋଇଛି। ସେବେଠାରୁ ମଣ୍ଡପରେ ଜଗନ୍ନାଥଙ୍କ ମାଟି ନିର୍ମିତ ମୂର୍ତ୍ତି ପୂଜା ପାଉଛି। ପୂଜା କମିଟିର ସଭାପତି ଜଗନ୍ନାଥ ପଣ୍ଡାଙ୍କ କହିବା ଅନୁସାରେ ଏହି ପୂଜା ମଣ୍ଡପରେ ପୁରୀ ଜଗନ୍ନାଥ ମନ୍ଦିରରୁ ଅବଢ଼ା ଅଣାଯାଇ ଭକ୍ତଙ୍କ ମଧ୍ୟରେ ବଣ୍ଟନ କରାଯାଏ। କୁମାର ପୂର୍ଣ୍ଣିମାଠାରୁ କାର୍ତ୍ତିକ ମାସ ଆରମ୍ଭ ହେଉଥିବାରୁ ବାଙ୍କୀ ସଂଲଗ୍ନରେ ଥିବା ଆଖପାଖ ଗ୍ରାମରୁ ଅନେକ ଭକ୍ତ ଆସି ଏଠାରୁ ଅବଢ଼ା ଗ୍ରହଣ କରିଥାନ୍ତି। ଚଳିତ ବର୍ଷ କଟକଣା ପାଇଁ ଅବଢ଼ା ଆସର ବନ୍ଦ ଥିବାରୁ ଅନେକ ଭକ୍ତଙ୍କୁ ନିରାଶ ହେବାକୁ ପଡିଛି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଟିକି


@ ପ୍ରମୋଦ


@ ଗାୟତ୍ରୀ


@ ସୂର୍ଯ୍ୟକାନ୍ତ


@ ଅନନ୍ୟା

# ଏବିଭିପି ପକ୍ଷରୁ ରେଭେନ୍‌ଶା ସମ୍ମୁଖରେ ବିକ୍ଷୋଭ

**କଟକ ଅଫିସ,୧୯।୧୦**

### ଘରୋଇ ସ୍କୁଲ ଅଧ୍ୟକ୍ଷା ମମିତା ମେହେର ହତ୍ୟା ଘଟଣା

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ମହାଲିଙ୍ଗସ୍ଥିତ ଏକ ଘରୋଇ ସ୍କୁଲ ଅଧ୍ୟକ୍ଷା ମମିତା ମେହେର ହତ୍ୟା ଘଟଣାକୁ ନେଇ ଏବିଭିପି କଟକ ପକ୍ଷରୁ ମଙ୍ଗଳବାର ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ଘଟଣାରେ ଉକ୍ତ ସ୍କୁଲର ମାଲିକ ଗୋବିନ୍ଦ ସାହୁ ଓ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ହୋଇଛି। ତେଣୁ ଏହି ଘଟଣାର ବିଚାର ବିଭାଗୀୟ ତଦନ୍ତ ସହ ସମ୍ପୃକ୍ତ ମନ୍ତ୍ରୀଙ୍କ ବହିଷ୍କାର ପାଇଁ ଏବିଭିପି ଦାବି କରିଛି। ଏହି ବିକ୍ଷୋଭରେ ନଗର ସହସମ୍ପାଦିକା ସ୍ୱାତୀ ସ୍ୱାଇଁ, ସଙ୍ଗୀତା ପଣ୍ଡା, ଇତିଶ୍ରୀ ସ୍ୱାଇଁ, ଓମ୍‌ପ୍ରକାଶ ପଣ୍ଡା, ଅଭିରାମ ଲେଙ୍କା, ସଞ୍ଜୟ ମଲ୍ଲିକ, ରାଜ କୁମାର ପରିଡା ଓ ଜଗଦୀଶ ଜେନା ସାମିଲ ଥିଲେ।

## ବିଭିନ୍ନ ମଣ୍ଡପରେ ମା' ଗଜଲକ୍ଷ୍ମୀ


ଅଲିସା ବଜାର


ବାଲୁବଜାର ବିନୋଦ ବିହାରୀ ପୂଜାମଣ୍ଡପ


ଚାନ୍ଦିନୀଚୌକ


ମହମ୍ମଦିଆ ବଜାର


ନିଶ୍ଚିନ୍ତକୋଇଲି ବ୍ଲକ ମା' ବେଲେଶ୍ୱରୀଙ୍କ ପୀଠ

## ସଂକ୍ଷେପରେ

### ଜେଲ ଗଲେ ସ୍ୱାମୀ, ଶାଶୁ

#### ନବବଧୂଙ୍କୁ ହତ୍ୟା ଅଭିଯୋଗ ଘଟଣା

**ବେଗୁନିଆ,୧୯।୧୦(ଡି.ଏନ୍.ଏ.):** ବେଗୁନିଆ ଥାନା ଅନ୍ତର୍ଗତ ଭୁଆସୁଣୀପାଟଣା ଗ୍ରାମର ନବବଧୂ ବର୍ଷାରାଣୀଙ୍କ ହତ୍ୟା ଅଭିଯୋଗ ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ସ୍ୱାମୀ ଶଶବନ୍ଧୁ ବେହେରା ଏବଂ ଶାଶୁ ସ୍ୱର୍ଣ୍ଣଲତା। ଜାମିନ ନାମଞ୍ଜୁର ପରେ ଏମାନଙ୍କୁ ଜେଲକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ଶଶବନ୍ଧୁ ୮ମାସ ପୂର୍ବେ ବୋଲଗଡ ବ୍ଲକ ଭବାନୀପୁର ଗାଁର ଦୀନବନ୍ଧୁ ବେହେରାଙ୍କ ଝିଅ ବର୍ଷାରାଣୀଙ୍କୁ ବିବାହ କରିଥିଲେ। ବିବାହର କିଛିଦିନ ପରେ ଅଧିକ ଯୌତୁକ ଦାବିରେ ଶାଶୁଘର ଲୋକେ ବର୍ଷାରାଣୀଙ୍କୁ ନିର୍ଯାତନା ଦେଇଆସୁଥିଲେ। ସୋମବାର ସନ୍ଧ୍ୟାରେ ବର୍ଷାରାଣୀଙ୍କୁ ସ୍ୱାମୀ ଓ ଶାଶୁ ମାରି ଫ୍ୟାନରେ ଝୁଲାଇ ଦେଇଛନ୍ତି ବୋଲି ଦୀନବନ୍ଧୁ ଥାନାରେ ଅଭିଯୋଗ କରିଥିଲେ। ଏନେଇ ଥାନାରେ ଏକ ମାମଲା (ନଂ.୨୦୬/୨୧) ରୁଜୁ ହୋଇଛି। ମଙ୍ଗଳବାର ସକାଳେ ବେଗୁନିଆ ଅତିରିକ୍ତ ତହସିଲଦାର ସନାତନ ଆଚାର୍ଯ୍ୟ, ଡିଏସ୍‌ପି ଓମ୍‌ପ୍ରକାଶ ପାତ୍ର ଏବଂ ଥାନା ଅଧିକାରୀ ଲକ୍ଷ୍ମୀ ପ୍ରସାଦ ଶତପଥୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ବାପଘର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

### ମୃତକଙ୍କ ପରିଚୟ ମିଳିଲା

**ଖୋର୍ଦ୍ଧା,୧୯।୧୦:** ଖୋର୍ଦ୍ଧା ଉପକଣ୍ଠ ପାନବରଜ ନିକଟ ଗହୀରରୁ ଟାଉନ ପୋଲିସ ଗତ ୧୫ ତାରିଖରେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଥିଲା। ମଙ୍ଗଳବାର ମୃତକଙ୍କ ପରିଚୟ ମିଳିଛି। ସେ ହେଲେ ଜଟଣୀ ଥାନା ଅନ୍ତର୍ଗତ ଲୋକ କଲୋନୀର ସୋନୁ ନାୟକ(୩୦)। ସୂଚନା ମୁତାବକ, ସୋନୁ ସଦର ଥାନା ଅନ୍ତର୍ଗତ ଗୁଡୁମ ନରସିଂହପୁରସ୍ଥିତ ଶ୍ୱଶୁର ଘରକୁ ଯିବା ପାଇଁ ଆସିଥିଲେ ମଧ ପହଞ୍ଚି ନଥିଲେ। ତାଙ୍କ ଗଳିତ ମୃତଦେହକୁ ପୋଲିସ ଗହୀର ମଧ୍ୟରୁ ଜବତ କରିଥିଲା। ମାତ୍ର ପରିଚୟ ମିଳି ନ ଥିବାରୁ ବ୍ୟବଚ୍ଛେଦ ପାଇଁ ବ୍ୟବଚ୍ଛେଦ ଗୃହରେ ରଖାଯାଇଥିଲା। ପୋଲିସ ତଦନ୍ତ ଆରମ୍ଭ କରିବା ସହ ପରିଚୟ ପାଇଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ବାଦୀପାଲା ଆରମ୍ଭ

**ନିରାକାରପୁର,୧୯।୧୦(ଡି.ଏନ୍.ଏ.):** କୁମାର ଉତ୍ସବ ଉପଲକ୍ଷେ ଖୋର୍ଦ୍ଧା ଜିଲା ଜଙ୍କିଆ ପଞ୍ଚାୟତ ଅନ୍ତର୍ଗତ ବାଲିଗାଡିଆ ଗ୍ରାମସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରାଙ୍ଗଣରେ ଗ୍ରାମବାସୀଙ୍କ ଆନୁକୂଲ୍ୟରେ ସୋମବାରଠାରୁ ବାଦୀପାଲା ଆରମ୍ଭ ହୋଇଛି। ଏହା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ବାଦୀପାଲାରେ ରାଜ୍ୟର ବିଭିନ୍ନ ଜିଲାର ଗାୟକ ତତ୍ତ୍ୱବିଭୂଷଣମାନେ ଆସି ସେମାନଙ୍କର କଳା ଜାରି ରଖିଛନ୍ତି। ଏହି କାର୍ଯ୍ୟକ୍ରମ ସନ୍ଧ୍ୟାରୁ ଆରମ୍ଭ ହେଉଛି।

# ସଙ୍କଟରେ ଚିଲିକାର ଜୈବବିବିଧତା

**ଖୋର୍ଦ୍ଧା ଅଫିସ,୧୯।୧୦**


ଚିଲିକାରେ ଜମି ରହିଥିବା ରାଜଦଳ।

- ଏକାଧିକ ମୁହାଣରେ ମାଡ଼ିଛି ରାଜଦଳ
- ଯାଇପାରୁନି ଡଙ୍ଗା, ଚିନ୍ତାରେ ମତ୍ସ୍ୟଜୀବୀ

ଏସିଆର ବୃହତ୍ତମ ଲୁଣା ହ୍ରଦ ଚିଲିକା ଏବେ ସଙ୍କଟରେ। ମରାଳ ମାଳିନୀ ନୀଳାମ୍ବୁ ଚିଲିକାର ମୁହାଣ ଦିନକୁ ଦିନ ପୋତି ହେବାରେ ଲାଗିଛି। ପ୍ରାକୃତିକ ବିପର୍ଯ୍ୟୟ ଓ ମନୁଷ୍ୟକୃତ କାରଣରୁ ଏହାର ଜୈବ ବିବିଧତା ନଷ୍ଟ ହେବାକୁ ବସିଛି। ବେଆଇନ ଚିଙ୍ଗୁଡ଼ି ଘେରି ଓ ନଳ ଘାସ ପାଇଁ ଚିଲିକାର ପରିସୀମା ସଙ୍କୁଚିତ ହେବାରେ ଲାଗିଛି। ରାଜଦଳ ଓ ନଳଘାସ ଯୋଗୁ ଡଙ୍ଗା ଯିବାରେ ସମସ୍ୟା ଉପୁଜୁଛି। ଫଳରେ ମତ୍ସ୍ୟଜୀବୀଙ୍କ ଜୀବିକା ପ୍ରଭାବିତ ହେଉଛି।

ଚିଙ୍ଗୁଡ଼ି ଘେରି ଉଚ୍ଛେଦ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଖୋର୍ଦ୍ଧା, ପୁରୀ ଓ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ତେବେ ଉଚ୍ଛେଦ ପରେ ପୁଣି ଯଥା ପୂର୍ବଂ ତଥା ପରମ୍ ସ୍ଥିତି। ଚିଙ୍ଗୁଡ଼ି ଚାଷ ପାଇଁ ଚିଲିକାରେ ହେକ୍ଟର ହେକ୍ଟର ମାଟିଘେରି ଗଢ଼ି ଉଠିଛି। ସେପଟେ ଚିଲିକାରେ ନଳଘାସ ମାଡୁଛି। ଗତ ମାସ ୨୭ ତାରିଖରେ ହୋଇଥିବା ବାତ୍ୟା 'ଗୁଲାବ' ପ୍ରଭାବରେ ସାନ ନଇରି, ବଉଳାବନ୍ଧ, କୁମାଣ୍ଡଳ, ନିମିନା, ହାଟବରଡି, ବାଲୁଗାଁ, ସୋରଣ ଏବଂ କାଲୁପଡ଼ାଘାଟ ଆଦି ସ୍ଥାନକୁ ଭାସିଆସିଥିବା ରାଜଦଳ ଏବେ ବି ଜମା ହୋଇରହିଛି। ସେହିପରି ମଲାଗୁଣି, ରାଜୁଆ, ଭାର୍ଗବୀ, ଦୟା, ମକରା ଆଦି ନଦୀର ରାଜଦଳ ଭାସି ଆସି ଚିଲିକା ଉପକୂଳବର୍ତ୍ତୀ ଅଞ୍ଚଳର ପ୍ରାୟ ୫ କି.ମି. ପର୍ଯ୍ୟନ୍ତ ଜମିରହିଛି। ତେଣୁ ମତ୍ସ୍ୟଜୀବୀମାନେ ମାଛ ମାରିବାକୁ ଯିବା ଲାଗି ହଇରାଣ ହେଉଛନ୍ତି। ମୁହାଣରେ ରାଜଦଳ ମାଡ଼ି ରହିଥିବାରୁ ଡଙ୍ଗା ଧରି ଚିଲିକାକୁ ଯିବା ସମ୍ଭବ ହେଉନାହିଁ। ଏନେଇ ଚିଲିକା ମତ୍ସ୍ୟଜୀବୀ ସଂଘ ଅଭିଯୋଗ ଜଣାଇଥିଲେ ବି ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ।

ସୂଚନା ମୁତାବକ, ଖୋର୍ଦ୍ଧା, ପୁରୀ ଏବଂ ଗଞ୍ଜାମ ଜିଲାର ୧୧୬୫ ବର୍ଗ କି.ମି. ଅଞ୍ଚଳରେ ଚିଲିକା ପରିବ୍ୟାପ୍ତ ଥିଲା। ଏହା କ୍ରମଶଃ ସଙ୍କୁଚିତ ହୋଇ ୧ହଜାର କି.ମି. ମଧ୍ୟରେ ସୀମିତ ଥିବା ଜଣାପଡ଼ିଛି। ଗଞ୍ଜାମ ଜିଲାର ୭୪.୩୩ ବର୍ଗ କି.ମି., ଖୋର୍ଦ୍ଧା ଜିଲାର ୭୨.୯୯ ବର୍ଗ କିମି ଏବଂ ପୁରୀ ଜିଲାର ୮୮୪.୫୬ ବର୍ଗକିମି ପର୍ଯ୍ୟନ୍ତ ପରିବ୍ୟାପ୍ତ ଚିଲିକାରେ ଛୋଟବଡ଼ ୫୨ଟି ନଦୀ ଓ ନାଳ ମିଶିଛି। ଖରାଦିନେ ଚିଲିକାରେ ଜଳଧାରଣ କ୍ଷମତା କମୁଥିବାବେଳେ ବର୍ଷାଋତୁରେ ପାଣି ଆସିଲେ ପରିସୀମା ବୃଦ୍ଧି ପାଇଥାଏ। ଖରାଦିନେ ଏହା ପ୍ରାୟ ୯ଶହ ବର୍ଗ କି.ମି. ଏବଂ ବର୍ଷାଦିନେ ପ୍ରାୟ ୧୧ଶହ କି.ମି. ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଥାଏ। ତେବେ ଚିଲିକାରେ ମିଶିଥିବା ନଦୀଗୁଡ଼ିକ କ୍ରମଶଃ ପୋତି ହେବାକୁ ବସିଲାଣି। ସେହିପରି ପ୍ଲାଷ୍ଟିକ, ପଲିଥିନ ପ୍ରଭୃତି ବର୍ଜ୍ୟବସ୍ତୁ ଚିଲିକାରେ ମିଶୁଛି। ଏହା ଦ୍ୱାରା ଜଳଚର ଜୀବଙ୍କ ଉପରେ ପ୍ରଭାବ ପଡୁଛି। ଚିଲିକାର ପ୍ରାୟ ୧୫୦ ବର୍ଗ କି.ମି. ଇଲାକାରେ ନଳଘାସ ପରିପୂର୍ଣ୍ଣ। ପୁରୀ ଜିଲାର ବରକୁଦିଠାରୁ ଖୋର୍ଦ୍ଧା ଜିଲାର ଚିଲିକା ବ୍ଲକ କୁମଣ୍ଡପାଟଣା, ସୋରଣ, ଭୁଷଣ୍ଡପୁର ପ୍ରଭୃତି ଉପକୂଳ ପର୍ଯ୍ୟନ୍ତ ନଳଘାସ ମାଡ଼ିଛି। ୧୯୯୯ ମହାବାତ୍ୟା ପରଠୁ ସବୁ ବାଉଁଶ ଚିଲିକାର ବିଭିନ୍ନ ଅଞ୍ଚଳକୁ ମାଡ଼ିଗଲାଣି।

ଏନେଇ ଜିଲାପାଳ ସନତ କୁମାର ମହାନ୍ତି କହିଛନ୍ତି, ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଚିଲିକାରୁ ବେଆଇନ ଘେରି ଉଚ୍ଛେଦ କରାଯାଇଛି। କେତେଜଣ ବ୍ୟକ୍ତିଙ୍କ ବିରୋଧରେ ଥାନାରେ ଏତଲା ମଧ୍ୟ ଦିଆଯାଇଛି। ଟାଙ୍ଗୀ ବ୍ଲକ ଭୂଷଣ୍ଡପୁର ଅଞ୍ଚଳରେ ଏକର ଏକର ମାଟିବନ୍ଧକୁ ଜେସିବି ଦ୍ୱାରା ନଷ୍ଟ କରାଯାଇଛି। ଏଥିସହ ପ୍ରଶାସନ ପକ୍ଷରୁ ପାଟ୍ରୋଲିଂ କରାଯାଉଛି। ଚିଲିକାର ପରିବେଶ ସୁଧାରିବା ପାଇଁ ସମସ୍ତ ପ୍ରୟାସ ଜାରି ରହିଛି ବୋଲି ଜିଲାପାଳ କହିଛନ୍ତି। ଅପରପକ୍ଷରେ ପରିବେଶବିତ୍ ଜୟକୃଷ୍ଣ ପାଣିଗ୍ରାହୀଙ୍କ କହିବା ହେଲା ଚିଲିକା ହେଉଛି ରାଷ୍ଟ୍ର ସମ୍ପତ୍ତି। ତେଣୁ ଏହାର ସଂରକ୍ଷଣ ଓ ସୁରକ୍ଷା ପାଇଁ ସମସ୍ତଙ୍କ ଉତ୍ତରଦାୟିତ୍ୱ ରହିଛି। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ସଚେତନତା ସୃଷ୍ଟି କରାଯିବା ସହ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯିବା ଆବଶ୍ୟକ। ଚିଲିକାର ଆୟତନ ଦିନକୁ ଦିନ କମୁଥିବାରୁ ଏହାର ପ୍ରକୃତ ପରିସୀମା ଜାଣିବା ପାଇଁ ସ୍ୱତନ୍ତ୍ର ସର୍ଭେ ଆବଶ୍ୟକ। ୧୯୯୦ ପୂର୍ବରୁ ଚିଲିକାରେ ମଧୁର ପାଣି ଥିଲା। ୨୦୦୦ରେ ନୂଆ ମୁହାଣ ଖୋଲିବା ପରେ ସମୁଦ୍ର ପାଣି ଚିଲିକାରେ ପଶି ଲୁଣା ହୋଇଛି। ନିକଟବର୍ତ୍ତୀ ଲୁଣା, ଦୟା ଓ ଭାର୍ଗବୀ ଆଦି ପାର୍ଶ୍ୱବର୍ତ୍ତୀ ନଦୀଗୁଡ଼ିକରୁ ଭାସି ଆସୁଥିବା ପଟୁମାଟି ଏବଂ ବର୍ଜ୍ୟବସ୍ତୁ ଯୋଗୁ ଚିଲିକାର ଗଭୀରତା କମିବା ସହ ପ୍ରଦୂଷିତ ହେଉଛି ବୋଲି ପାଣିଗ୍ରାହୀ କହିଛନ୍ତି।



କଳାହାଣ୍ଡି ଜିଲାର ଘରୋଇ ସ୍କୁଲ ଅଧକ୍ଷା ମମିତା ମେହେରଙ୍କ ନିଖୋଜ ମାମଲାରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ମଙ୍ଗଳବାର ଏବିଭିପି, ଖୋର୍ଦ୍ଧ ନଗର ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରାଯାଉଛି।

# ଘରେ ଘରେ ଦିଆଯିବ ଖେଚୁଡ଼ି

**ଖୋର୍ଦ୍ଧା ଅଫିସ,୧୯।୧୦**

ଗଜଲକ୍ଷ୍ମୀ ପୂଜା ପାଇଁ ଖୋର୍ଦ୍ଧା ସହର ଚଳଚଞ୍ଚଳ ହୋଇଉଠିଛି। ସପ୍ତାହେ ବ୍ୟାପୀ ପୂଜା ହେଉଥିବା ବେଳେ ସ୍ନେହ, ସଦ୍ଭାବ ଏବଂ ଭାଇଚାରା ବାର୍ତ୍ତା ଦେଇଥାଏ। ଚଳିତବର୍ଷ କରୋନା ସାଜିଛି ବାଧକ। ପୁରୁଣା ବସଷ୍ଟାଣ୍ଡ ନବଜ୍ୟୋତି ଗଜଲକ୍ଷ୍ମୀ ପୂଜା କମିଟି ସର୍ବପୁରାତନ। କମିଟି ସଦସ୍ୟ ଜଟାଧାରୀ ବିଶୋୟୀଙ୍କ ସୂଚନା ଅନୁଯାୟୀ, ୧୯୭୨ ଅକ୍ଟୋବର ୨୨ରେ ପୂଜା ଆରମ୍ଭ ହୋଇଥିଲା। ଚଳିତବର୍ଷ ପୂଜା ୫୦ ବର୍ଷରେ ପହଞ୍ଚିଛି। ଖୋର୍ଦ୍ଧା ସହରରେ ପ୍ରଥମେ ଫେରିବାଲା ବେପାରୀଙ୍କୁ ନେଇ ଏହି ପୂଜା ଆୟୋଜନ ହୋଇଥିଲା। ସେତେବେଳେ ଏକାଧିକ ବେପାରୀ ଏହାର ସଦସ୍ୟ ରହିଥିଲେ। ପରବର୍ତ୍ତୀ ସମୟରେ ବେପାରୀଙ୍କ ମଧ୍ୟରେ କୌଣସି କାରଣକୁ ନେଇ କେତେଜଣ ବେପାରୀ ପୌର ପରିଷଦ ନିକଟରେ ପୃଥକ୍ ଭାବେ ପୂଜା କରିଥିଲେ। ତେବେ ନବଜ୍ୟୋତି ଗଜଲକ୍ଷ୍ମୀ ପୂଜାକମିଟି ଅକ୍ଷୁଣ୍ଣ ରହିଛି। ଏଠାରେ ଆକର୍ଷଣୀୟ ତୋରଣ, ଆଲୋକମାଳା ଉପରେ ଗୁରୁତ୍ୱ ଦିଆଯାଏ। କୋଭିଡ୍ କଟକଣା ଯୋଗୁ ଦୁଇ ବର୍ଷ ହେଲା ବନ୍ଦ ରହିଛି। ପୂଜା ଆୟୋଜନ ଠାରୁ ୫ଦିନ ଧରି ବହୁ ମାନସିକଧାରୀ ପରିବାର ଦୀପ ପ୍ରଜ୍ୱଳିତ କରନ୍ତି। ଗୁରୁବାର ମା'ଙ୍କ ନିକଟରେ ଖେଚୁଡି ଭୋଗ ହୋଇଥାଏ। ଏହାକୁ ବଣ୍ଟନ କରାଯାଇଥାଏ। ଚଳିତ ବର୍ଷ ପ୍ରାୟ ୨ହଜାର ଭକ୍ତଙ୍କୁ ଖେଚୁଡି ଭୋଗ ପ୍ରଦାନ କରାଯିବ। ବିସର୍ଜନ ବେଳେ ଶତାଧିକ ମହିଳା ମା'ଙ୍କ ବନ୍ଦାପନା କରିଥାନ୍ତି। ଶେଷରେ ସିନ୍ଦୂର ଖେଳ ହୋଇଥାଏ। ପୂଜା ଆୟୋଜନ ଲାଗି ଏକ କମିଟି ରହିଛି। ଏହି କମିଟିରେ ପ୍ରକାଶ ପ୍ରଧାନ, ସୁରେଶ ସାହୁ, ବିମଳ ପ୍ରସାଦ ରାମ, ନାରାୟଣ ଦୋରା, ଜଟାଧାରୀ ବିଶୋୟୀ ପ୍ରମୁଖ ରହିଛନ୍ତି।

### ଚୋରା ଡିଜେଲ, ମଦ ଜବତ: ୩ ଗିରଫ

**ନିରାକାରପୁର,୧୯।୧୦(ଡି.ଏନ୍.ଏ.)**

ନିରାକାରପୁର ଥାନା ପୋଲିସ ଚୋରାମଦ କାରବାର ଅଭିଯୋଗରେ ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ନିରାକାରପୁର ପଞ୍ଚାୟତ ନନପଡା ଗ୍ରାମର ସୁଶାନ୍ତ ବଳିୟାରସିଂହ ଓ ନରେନ୍ଦ୍ରପୁର ଗ୍ରାମର ପ୍ରକାଶ ପରିଡା। ତେବେ ସୁଶାନ୍ତଙ୍କ ନିକଟରୁ ୭ ଲିଟର ୧୦୦ଗ୍ରାମ ମଦ ଜବତ ହୋଇଥିବା ବେଳେ ପ୍ରକାଶଙ୍କଠାରୁ ୫ ଲିଟର ୨୫୦ଗ୍ରାମ ମଦ ଜବତ ହୋଇଛି। ସେହିପରି ଚୋରା ଡିଜେଲ କାରବାର ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ବଡ଼ପୋଖରିଆ ଅଞ୍ଚଳର ପ୍ରକାଶ ଚମ୍ପତି। ତେବେ ଚମ୍ପତିଙ୍କ ନିକଟରୁ ୫୨୦ ଲିଟର ଚୋରା ଡିଜେଲ ଜବତ ହୋଇଛି। ଏନେଇ ଥାନାରେ ପୃଥକ୍ ଭାବେ ୩ଟି ମାମଲା (୧୬୩, ୧୬୪, ୧୬୫/୨୧) ରୁଜୁ ହୋଇଛି ବୋଲି ଥାନା ଅଧିକାରୀ ଗୀତାଞ୍ଜଳି ନାୟକ କହିଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଟିକି


@ ପ୍ରମୋଦ


@ ଗାୟତ୍ରୀ


@ ସୂର୍ଯ୍ୟକାନ୍ତ


@ ଅନନ୍ୟା

## ମା' ଲକ୍ଷ୍ମୀଙ୍କ ଆରାଧନା


ଖୋର୍ଦ୍ଧା ନୂଆ ବସଷ୍ଟାଣ୍ଡଠାରେ ପୂଜା ପାଉଥିବା ମା' ଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି।


ସମବାୟ ଛକ।


ପୁରୁଣା ବସଷ୍ଟାଣ୍ଡ।


ଖୋର୍ଦ୍ଧା ହାବେଳି ପଡିଆରେ ପୂଜା ପାଉଥିବା ମା'ଙ୍କ ମୃଣ୍ମୟୀ ମୂର୍ତ୍ତି।


ବେଗୁନିଆ ବଣିକ ସଂଘ ପକ୍ଷରୁ ଗଜଲକ୍ଷ୍ମୀ ପୂଜା।


ଖୋର୍ଦ୍ଧା କୋର୍ଟ ଛକ।


ପୁରୁଣା ମେଡ଼ିକାଲ ରୋଡ୍।

# ୩ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ

■ ୫୨ ହଜାର ଟଙ୍କା ଜବତ, ଜଣେ ମହିଳା ବେପାରୀ ଗିରଫ

■ ସାମନ୍ତରାପୁରରେ ବଢୁଛି କାରବାର



ଖୋର୍ଦ୍ଧା ଅଫିସ,୧୯।୧୦

ଖୋର୍ଦ୍ଧା ସହରରେ ବ୍ରାଉନସୁଗାର କାରବାର କାୟା ବିସ୍ତାର କରିବାରେ ଲାଗିଛି। ଏସ୍‌ଟିଏଫ, ପୋଲିସ ଏବଂ ଅବକାରୀ ବିଭାଗ ପକ୍ଷରୁ ବାରମ୍ବାର ଚଢ଼ାଉ ସତ୍ତ୍ୱେ କାରବାର ବଢ଼ି ଚାଲିଛି। ଖୋର୍ଦ୍ଧା ସହର ଉପକଣ୍ଠ ଗୁରୁଜଙ୍ଗ, ଠେଙ୍ଗାହାଟ, ସାମନ୍ତରାପୁର ଆଦି ଅଞ୍ଚଳ ବ୍ରାଉନସୁଗାର କାରବାରର ପେଣ୍ଠସ୍ଥଳୀ ପାଲଟିଛି। ସାମନ୍ତରାପୁର ଅଞ୍ଚଳରୁ ଏକାଧିକ ବେପାରୀଙ୍କୁ ପୋଲିସ ଗିରଫ କରିଛି। ସ୍ଥାନୀୟ ଅଞ୍ଚଳରେ ଅସାମାଜିକ ଯୁବକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଏଥିସହ ଆପରାଧିକ କାର୍ଯ୍ୟକଳାପ ବଢ଼ି ଚାଲିଛି। ଯୁବକ, କଲେଜ ଛାତ୍ର ଏବଂ ମହିଳାମାନଙ୍କୁ ଏହି କାରବାରରେ ନିୟୋଜିତ କରାଯାଉଛି।

ଖୋର୍ଦ୍ଧା ଟାଉନ ପୋଲିସ ମଙ୍ଗଳବାର ପୂର୍ବାହ୍ନ ୧୧ଟା ୩୦ରେ ସାମନ୍ତରାପୁର ସପ୍ତେଶ୍ୱର ସାହି ନିକଟରୁ ଜଣେ ମହିଳା ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଛି। ସେ ହେଲେ ଏହି ସାହିର ସରୋଜିନୀ ଧଳ ଓରଫ ସର ଓରଫ ପାର୍ବତୀ(୩୬)। ତାଙ୍କ ନିକଟରୁ ୩୦.୮ ଗ୍ରାମ ବ୍ରାଉନସୁଗାର ଓ ୫୨ହଜାର ଟଙ୍କା ଜବତ ହୋଇଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୩ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି। ସୂଚନା ମୁତାବକ, ସରୋଜିନୀ ଘର ଆଗରେ ବ୍ରାଉନସୁଗାର ପୁଡିଆ ଧରି ଗ୍ରାହକଙ୍କୁ ଅପେକ୍ଷା କରିଥିଲେ। କୌଣସି ସୂତ୍ରରୁ ଖବରପାଇ ସଦର ଏସ୍‌ଡିପିଓ ସୁଶୀଲ ମିଶ୍ର, ଥାନା ଅଧିକାରୀ ସଞ୍ଜୟ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଟାଉନ ପୋଲିସର ଏକ ଟିମ୍ ଗ୍ରାହକ ବେଶରେ ଆସି ତାଙ୍କୁ କାବୁ କରିଥିଲେ। ଏହି ଚଢ଼ାଉରେ ଏସ୍‌ଆଇ ଅନୁଭା ଦାସ, ବିଜୟ କୁମାର ବେହେରା, ଦିଗ୍‌ବିଜୟ ବିଶ୍ୱାଳ, ପିଏଲ୍ ବେହେରା, ଏଏସ୍‌ଆଇ ଏ.କେ. ସେଠୀ ପ୍ରମୁଖ ସାମିଲ ହୋଇଥିଲେ। ସୂଚନାଥାଉ କି, ନିକଟରେ ଏସ୍‌ଟିଏଫ୍‌ର ଏକ ଟିମ୍ ଗୁରୁଜଙ୍ଗରୁ ଜଣେ ବି.ଟେକ୍ ଛାତ୍ରଙ୍କଠାରୁ ୧କେଜି ଏବଂ ବସଷ୍ଟାଣ୍ଡଠାରୁ ୨ଜଣ ଯୁବକଙ୍କ ଠାରୁ ଅନୁରୂପ ଭାବେ ୧ କେଜିରୁ ଊର୍ଦ୍ଧ୍ୱ ବ୍ରାଉନସୁଗାର ଜବତ କରିଥିଲା।

## ସଂକ୍ଷେପରେ

### ଯୁବକଙ୍କ ଉପରେ ଚଢ଼ିଗଲା ଟ୍ରକ୍

**ଭୁବନେଶ୍ୱର,୧୯।୧୦(ବ୍ୟୁରୋ):** ଚନ୍ଦ୍ରଶେଖରପୁର ଥାନା ଅଧୀନ ନିଳାଦ୍ରୀ ବିହାର ପେଟ୍ରୋଲ ପମ୍ପ ସାମ୍ନା ରାସ୍ତାରେ ମଙ୍ଗଳବାର ଜଣେ ଯୁବକଙ୍କ ଉପରେ ଟ୍ରକ ଚଢ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଚନ୍ଦ୍ରଶେଖରପୁର ଥାନା ଅଧୀନ ଅରବିନ୍ଦ ନଗର ବସ୍ତିର ବେଣୁଧର ଭଞ୍ଜ(୨୯)। ଏନେଇ ତାଙ୍କ ଶାଶୁ ଲକ୍ଷ୍ମୀ ଦେବତା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ-୪୩୭/୨୧) ରୁଜୁ କରିଛି। ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭିର ଫୁଟେଜ୍ ଆଧାରରେ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ପୋଲିସ ଧରିବାକୁ ଅନୁସନ୍ଧାନ ଜାରି ରଖିଛି। ସୂଚନା ଅନୁଯାୟୀ, ସକାଳ ପ୍ରାୟ ୭ଟା ୩୦ରେ ବେଣୁଧର ନିଜ ବାଇକରେ ପେଟ୍ରୋଲ ପମ୍ପରୁ ତେଲ ପକାଇ ଅରବିନ୍ଦ ନଗର ବସ୍ତି ଆଡ଼କୁ ଯାଉଥିଲେ। ଶ୍ରୀରାମ ହୋଟେଲ ସାମ୍ନାରେ ଏକ ଦ୍ରୁତଗାମୀ ଟ୍ରକ୍ ତାଙ୍କ ବାଇକକୁ ଧକ୍କା ଦେବାରୁ ସେ ତଳେ ପଡ଼ିଯାଇଥିଲେ। ଏହି ସମୟରେ ଟ୍ରକଟି ତାଙ୍କ ମୁଣ୍ଡ ଉପରେ ଚଢ଼ି ନନ୍ଦନକାନନ ଅଭିମୁଖେ ଚାଲିଯାଇଥିଲା। ଫଳରେ ବେଣୁଧରଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଲୋକେ ଉକ୍ତ ଟ୍ରକ୍‌କୁ ଧରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ।

### ଶିକ୍ଷାବିତ୍ ଭାଗୀରଥିଙ୍କ ସ୍ମୃତିସଭା

**ଟାଙ୍ଗୀ(ଖୋର୍ଦ୍ଧା),୧୯।୧୦(ଡି.ଏନ୍.ଏ.):** କମାଗୁରୁ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭାଗୀରଥି ରାଉତରାୟଙ୍କ ସ୍ମୃତିଚାରଣ ସଭା ମଙ୍ଗଳବାର ପୁରାତନ ଛାତ୍ର ସଂସଦ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ପଦ୍ମନାଭ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ବିଜୟ କୁମାର ରାଉତ, ଉପସଭାପତି ଡା. ମଧୁସୂଦନ ସେନାପତି, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ପୂର୍ବତନ ଛାତ୍ର ରଘୁନାଥ ସାହୁ, ମହେଶ୍ୱର ସେନାପତି, ଗୋବିନ୍ଦ ଚନ୍ଦ୍ର ସାହୁ, ଅଶ୍ୱିନୀ ଦାସ, ମନୋଜ କୁମାର ପଟ୍ଟନାୟକ, ସନ୍ତୋଷ କର ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ମୟୂରଝାଲିଆ ଓ କମାଗୁରୁରେ ବିଦ୍ୟାଳୟ, ମହାବିଦ୍ୟାଳୟ ପ୍ରତିଷ୍ଠା କରିବାରେ ସ୍ୱର୍ଗତ ରାଉତରାୟଙ୍କ ଅବଦାନ ଅତୁଳନୀୟ ଥିଲା ବୋଲି ମତପ୍ରକାଶ ପାଇଥିଲା।

### ମହମ୍ମଦ ଜୟନ୍ତୀ ପାଳିତ

**ଜଟଣୀ/ବେଗୁନିଆ/ନିରାକାରପୁର,୧୯।୧୦ (ଡି.ଏନ୍.ଏ.):** ଜଟଣୀରେ ଇସ୍‌ଲାମ ଧର୍ମର ପ୍ରବର୍ତ୍ତକ ହଜ୍‌ରତ ମହମ୍ମଦ ସଲ୍ଲାଲାହିଓ ଅଲୈହିଓସଲ୍ଲମଙ୍କ ଜନ୍ମ ଦିବସ ତଥା ଇଦ୍-ମିଲାଦୁନ-ନବୀ କରୋନା କଟକଣା ମଧ୍ୟରେ ମଙ୍ଗଳବାର ପାଳିତ ହୋଇଯାଇଛି। ସୁନ୍ନୀ ସମ୍ପ୍ରଦାୟ ପକ୍ଷରୁ ଉକ୍ତ ଉତ୍ସବ ପାଳିତ ହୋଇଥିବା ବେଳେ ସହରର ରେଡଙ୍ଗ କଲୋନୀ, ରାଜାବଜାର, ଗଜପତିନଗର ଏବଂ କୁଦିଆରୀ ବଜାରରେ ଥିବା ମସ୍‌ଜିଦରେ ସାମୂହିକ ପ୍ରାର୍ଥନା କରାଯାଇଥିଲା। ପରସ୍ପରକୁ ମିଷ୍ଟାନ୍ନ ଖୁଆଇଥିଲେ। ଏଥିଲାଗି ମସ୍‌ଜିଦରେ ଆଲୋକମାଳା ସହ ରଙ୍ଗବେରଙ୍ଗର ତୋରଣ ସଜ୍ଜା ଯାଇଥିବା ଦେଖିବାକୁ ମିଳିଛି। ବେଗୁନିଆ ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ମଙ୍ଗଳବାର ମହମ୍ମଦଙ୍କ ଜୟନ୍ତୀ କୋଭିଡ୍ କଟକଣା ମଧ୍ୟରେ ପାଳିତ ହୋଇଯାଇଛି। ମୁସଲମାନ ଭାଇମାନେ ସକାଳେ ଗ୍ରାମ ପରିକ୍ରମା (ଜୁଲୁସ) ପରେ ମସଜିଦ୍ ପରିସରରେ ସାମୂହିକ ନମାଜ ପାଠ କରିବା ସହ ଫତିହା(ପ୍ରସାଦ) ସେବନ କରି ଭାଇଚାରା ସୃଷ୍ଟି କରିଥିଲେ। ଏହି ବ୍ଲକର ରାଉତପଡା, କୁଶପଲ୍ଲା, ଶରଧାପୁର, ପଙ୍ଗାରସିଂହ, ସିକୋରେ ଥିବା ମସଜିଦ୍ ପରିସରରେ ପାଳନ କରାଯାଇଥିଲା। ସେହିପରି ନିରାକାରପୁରର ରାମେଶ୍ୱର ପଞ୍ଚାୟତସ୍ଥିତ ଖଜୁରିପଡା ମୁସଲମାନ ସାହିରେ ମହମ୍ମଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମୁସଲମାନ ଭାଇମାନେ ଗ୍ରାମ ନିକଟରେ ଥିବା ଇଦ୍‌ଗା ପଡ଼ିଆରେ କୋଭିଡ୍ ସଂକ୍ରମଣରୁ ରକ୍ଷା କରିବା ପାଇଁ ସମୂହ ପ୍ରାର୍ଥନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମର ମୌଲାନା ଅମାନୁଲ ହକ୍, ମୌଲାନା ଫିରଜ, ଆନଂଶରୀ ଶାହା, ହାଜି କମାଲଉଦ୍ଦିନ ସାହ, ଜାଫର ଅଲ୍ଲୀ ସାହା, ହାସନ ସାହାଙ୍କ ସମେତ ଗ୍ରାମର ବହୁ ବ୍ୟକ୍ତି ସାମିଲ ହୋଇଥିଲେ।

### ମଣିପୁର ହରିଣ ଶାବକ ଜନ୍ମ

**ବାରଙ୍ଗ,୧୯।୧୦(ଡି.ଏନ୍.ଏ.):** ପ୍ରାଣୀ ଉଦ୍ୟାନ ନନ୍ଦନକାନନର ୩୬ବି ଏନକ୍ଲୋଜରରେ ଥିବା ମଣିପୁର ହରିଣ ମଙ୍ଗଳବାର ସକାଳେ ଏକ ଶାବକ ଜନ୍ମ ଦେଇଛି । ଶାବକଟି ଜନ୍ମ ଦେବାପରେ ମା ଓ ଛୁଆ ଉଭୟ ସୁସ୍ଥ ରହିଛନ୍ତି। ଏହି ଶାବକଟିର ଜନ୍ମପରେ ନନ୍ଦନକାନନରେ ଏମାନଙ୍କ ସଂଖ୍ୟା ବୃଦ୍ଧି ପାଇ ୧୮ରେ ପହଞ୍ଚିଛି। ସେଥିମଧ୍ୟରେ ୧୧ଅଣ୍ଡିରା ଓ ୬ମାଈ ଏବଂ ଜନ୍ମିତ ଶାବକର ଲିଙ୍ଗ ନିରୂପଣ ହୋଇପାରି ନାହିଁ।

## ଆଜି ଆଇଆଇଟି ସମାବର୍ତ୍ତନ ଉତ୍ସବ

**ଜଟଣୀ,୧୯।୧୦(ଡି.ଏନ୍.ଏ.)**

ଜଟଣୀ ଅରଗୁଳସ୍ଥିତ ଭୁବନେଶ୍ୱର ଆଇଆଇଟିର ୧୦ମ ସମାବର୍ତ୍ତନ ଉତ୍ସବ ବୁଧବାର ଅନୁଷ୍ଠିତ ହେବ। ଏଥିରେ ଇନ୍‌ଫୋସିସ୍‌ର ପ୍ରତିଷ୍ଠାତା ଏନ୍.ଆର. ନାରାୟଣମୂର୍ତ୍ତି ଏବଂ ଆଇଆଇଟିର ବୋର୍ଡ ଅଫ ଗଭର୍ନର ଅଧ୍ୟକ୍ଷ ରାଜେନ୍ଦ୍ର ପ୍ରସାଦ ସିଂ ଅତିଥିଭାବେ ଯୋଗଦେବେ। ଏଥିସହ ସମାରୋହରେ ଚଳିତବର୍ଷ ୫୫୯ଜଣ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ବିଭାଗରେ ଉପାଧି ପ୍ରଦାନ କରାଯିବ। ଏନେଇ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ଆଇଆଇଟି ପକ୍ଷରୁ ସୂଚନା ଦିଆଯାଇଛି। ସମ୍ମିଳନୀରେ ଆଇଆଇଟି ନିର୍ଦ୍ଦେଶକ ଆର.ଭି. ରାଜକୁମାର, କୁଳସଚିବ ଦେବରାଜ ରଥଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।




ବାଲୁଗାଁ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିଲିକାରେ ପକ୍ଷୀଙ୍କ ସୁରକ୍ଷା ନେଇ ସଚେତନ କରାଯାଉଛି।

## ‘ସେବା ମନୋଭାବ ନେଇ କାମ କର’

**ଖୋର୍ଦ୍ଧା ଅଫିସ/ବେଗୁନିଆ/ ବାଲୁଗାଁ,୧୯।୧୦(ଡି.ଏନ୍.ଏ.)**

ମଳିପଡ଼ାସ୍ଥିତ କବି ପ୍ରସନ୍ନ ପାଟଶାଣୀ ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ପକ୍ଷରୁ ସପ୍ତାହ ବ୍ୟାପୀ ଚାଲିଥିବା ସ୍ୱତନ୍ତ୍ର ପୂଜା ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ କଲେଜ ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ସେବା ମନୋଭାବ ନେଇ କାମ କରିବାକୁ ପରାମର୍ଶ ଦେଇଥିଲେ। ଅକ୍ଟୋବର ୧ରୁ ୩୧ ତାରିଖ ପର୍ଯ୍ୟନ୍ତ ସ୍ୱଚ୍ଛ ଭାରତ ଅଭିଯାନ ଚାଲିଛି। ଏହି ଅଭିଯାନକୁ ସାକାର କରିବାରେ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ପ୍ରମୁଖ ଭୂମିକା ରହିଛି। ପ୍ରୋଗ୍ରାମ ଅଫିସର ଖୋକନ ଚନ୍ଦ୍ର ନାୟକ ଏବଂ ଛାତ୍ରୀ ୟୁନିଟ୍ ପ୍ରୋଗ୍ରାମ ଅଫିସର ରୀନା ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସମସ୍ତ ଶିବିରାର୍ଥୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଅଧ୍ୟାପକ ଅବକାଶ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ବେଗୁନିଆ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ଅନୁଷ୍ଠିତ ୭ଦିନିଆ ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ଦିଲୀପ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ପରିବେଶ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ସହ ବାପୁଙ୍କ ସ୍ୱଚ୍ଛତା ନୀତିକୁ ଅନୁସରଣ କରିବା ପାଇଁ ଆହ୍ୱାନ ଦେଇଥିଲେ। ଶିବିରରେ ମୋଟ ୭୫ଜଣ ଛାତ୍ରୀ ଏବଂ ୨୧ଜଣ ଛାତ୍ର ଅଂଶଗ୍ରହଣ କରିଥିଲେ। ଏନ୍‌ଏସ୍‌ଏସ୍‌ର ପୁରୁଷ ବିଭାଗୀୟ ଅଧିକାରୀ ପ୍ରାଧ୍ୟାପକ କାର୍ତ୍ତିକ ଚନ୍ଦ୍ର ପୃଷ୍ଟି ଏବଂ ମହିଳା ବିଭାଗୀୟ ଅଧିକାରୀ ଅଧ୍ୟାପିକା ବିଜୟ ଲକ୍ଷ୍ମୀ ସୁବୁଦ୍ଧି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ନବ କିଶୋର ବିଶୋୟୀ ସହଯୋଗ କରିଥିଲେ।

ସେହିପରି ବାଲୁଗାଁ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଗତ ୧୩ ତାରିଖଠାରୁ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ପୂଜା ଶିବିର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ବିନତୀ ମଞ୍ଜରୀ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରର ଅଧ୍ୟାପକ ଡ. ଲକ୍ଷ୍ମୀଧର ସୁବୁଦ୍ଧି, ଅଧ୍ୟାପିକା ରୀନା ରାଉତ ଓ ଅଧ୍ୟାପକ ବାଳକୃଷ୍ଣ ପାଢ଼ୀ ନେତୃତ୍ୱ ନେଇଥିଲେ। ଶାନ୍ତି ନଗର, ଗୋପବନ୍ଧୁ କଲୋନୀ ଓ ଗନ୍ତେଇ ତରେଇ କଲୋନୀରେ ସ୍ୱଚ୍ଛ ଭାରତ ଅଭିଯାନ, ଚାରାରୋପଣ, ପକ୍ଷୀ ସୁରକ୍ଷା ସଚେତନତା ଓ ନିଶା ନିବାରଣ ଆଦି ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। କଲେଜର ୭୫ଜଣ ସ୍ୱେଚ୍ଛାସେବୀ ଏଥିରେ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସ୍ୱେଚ୍ଛାସେବୀ ବିକ୍ରମ ବିଶୋୟୀ ଏବଂ ଶିବିରର ଶ୍ରେଷ୍ଠ ସ୍ୱେଚ୍ଛାସେବୀଙ୍କୁ ପୁରସ୍କୃତ କରାଯାଇଥିଲ। ଅଧ୍ୟାପିକା ରୀନା ରାଉତ ଧନ୍ୟବାଦ ଦେଇଥିଲେ ।

## ‘ଋତୁସ୍ରାବକୁ ନେଇ ସମାଜରେ ଭୁଲ୍ ଧାରଣା ରହିଛି’

**ଭୁବନେଶ୍ୱର, ୧୯।୧୦(ବ୍ୟୁରୋ)**

ଆଇନା ଏବଂ ୟୁନିସେଫ୍ ଓଡ଼ିଶା ସହଭାଗିତାରେ କଲ୍ଲୋଳ-୨୦୨୧ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରତିଯୋଗିତା’ର ସପ୍ତମ ସଂସ୍କରଣ ଉଦ୍‌ଘାଟନ ଉତ୍ସବ ମଙ୍ଗଳବାର ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ‘ଋତୁସ୍ରାବ ସ୍ୱଚ୍ଛତା ଓ ସ୍ୱାସ୍ଥ୍ୟରକ୍ଷା’ ବିଷୟବସ୍ତୁକୁ ନେଇ କ୍ଷୁଦ୍ର ଚଳଚ୍ଚିତ୍ର ଆହ୍ୱାନ କରାଯାଇଛି। ମଙ୍ଗଳବାର ଏହାର ପୋଷ୍ଟର ଉନ୍ମୋଚିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ୟୁନିସେଫ ଦ୍ୱାରା ଆୟୋଜିତ ରେଡ୍ ଡଟ୍ କ୍ୟାମ୍ପେନର ଆମ୍ବାସାଡର ତଥା ଅଭିନେତ୍ରୀ ଅର୍ଚ୍ଚିତା ସାହୁ ଯୋଗଦେଇ କହିଛନ୍ତି, ଆମେ ଯେଉଁ ସମସ୍ୟାଗୁଡ଼ିକୁ ସାମ୍ନା କରିଛେ ତାକୁ ଆମ ଆଗାମୀ ପଢ଼ି ଯେପରି ସାମ୍ନା ନ କରନ୍ତୁ । ଏଥିପାଇଁ ଆମକୁ ସଚେତନ ହେବା ସହ ଆମ ଉତ୍ତରପୀଢ଼ି କିପରି ସଚେତନ ହେବେ ସେଥିପ୍ରତି ଧ୍ୟାନ ଦେବାକୁ ହେବ। ୟୁନିସେଫ୍ ଓଡ଼ିଶାର ମୁଖ୍ୟ ଡ. ମୋନିକା ନେଲସନ୍ ଯୋଗଦେଇ କହିଥିଲେ, ଋତୁସ୍ରାବକୁ ନେଇ ସମାଜରେ ଚାଲିଥିବା ଭୁଲଧାରଣାକୁ ଭାଙ୍ଗିବା ଏବଂ ଏଥିସହ ଜଡ଼ିତ ଭୟ ଓ ଲଜ୍ଜାକୁ ଦୂର କରିବା ଦିଗରେ ଏହା ପ୍ରଥମ ପଦକ୍ଷେପ ହୋଇପାରେ। ଏହି ଚଳଚ୍ଚିତ୍ର ନିର୍ମାଣ କର୍ମଶାଳା ମାଧ୍ୟମରେ କିଶୋରମାନେ ସ୍କ୍ରିପ୍ଟ ଲେଖିବା, ଚଳଚ୍ଚିତ୍ରର ସୁଟିଂ ଏବଂ ସମ୍ପାଦନା ଶିଖିବେ। ପରେ ଏହା ଦ୍ୱାରା ପ୍ରସ୍ତୁତ ସିନେମାରେ ସେମାନଙ୍କର ଦୃଷ୍ଟିକୋଣ ଏବଂ ଚିନ୍ତାଧାରାର ପ୍ରକୃତ ପ୍ରତିନିଧିତ୍ୱ କରିବେ। ଆଇନାର ସମ୍ପାଦିକା ସ୍ନେହ ମିଶ୍ର କହିଥିଲେ, ଋତୁସ୍ରାବକୁ ନେଇ ସମାଜରେ ଏବେ ମଧ୍ୟ ଅନେକ ଭୁଲ ଧାରଣା ଚାଲିଆସୁଛି, ଯାହାକୁ ବଦଳାଇବା ନିହାତି ଆବଶ୍ୟକ। ଏହି ବର୍ଷର ସହଯୋଗୀ ଅନୁଷ୍ଠାନ ଆଇଆର୍‌ସି, ୟୁଥ୍ ଫର୍ ୱାଟର ଓ ସୁଜାନାର ସହଭାଗିତାରେ ଏହି କାର୍ଯ୍ୟକ୍ରମରେ ଆମେ ଓଡ଼ିଶା ବାହାରୁ ମଧ୍ୟ ଚଳଚ୍ଚିତ୍ରର ଆସିବାର ଆଶା ରଖିଛୁ।

## ପ୍ରଭାକର ପାଇକରାୟଙ୍କ ପ୍ରତିମୂର୍ତ୍ତି ଅନାବରଣ

**ନିରାକାରପୁର,୧୯।୧୦(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଧଉଳିମୁହଁ ପଞ୍ଚାୟତ ରାଚଣ୍ଡି ଗ୍ରାମର ସାମାଜିକ କର୍ମୀ ପ୍ରଭାକର ପାଇକରାୟଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଅବସରରେ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଅନାବରଣ ହୋଇଛି। ଏହି କାର୍ଯ୍ୟକ୍ରମରେ ଚିନ୍ତାମଣି ବିଦ୍ୟାନିକେତନ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଯୁଧିଷ୍ଠିର ହରିଚନ୍ଦନ ସଭାପତିତ୍ୱ କରିଥିଲେ। ଧୀରେନ ପ୍ରଧାନ, ବରିଷ୍ଠ ଆଇନଜୀବୀ ଶରତ ଚନ୍ଦ୍ର ମାନସିଂହ, ପୂର୍ବତନ ସରପଞ୍ଚ କାଳୁ ଚରଣ ବଳିୟାରସିଂହ, ସାମାଜିକ କର୍ମୀ ସୌମ୍ୟ ରଞ୍ଜନ ବଳିୟାରସିଂହଙ୍କ ସମେତ ବହୁ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ବାର୍‌ରେ ଯୁବକଙ୍କୁ ଆକ୍ରମଣ ଘଟଣା, ୨ ଗିରଫ

**ଭୁବନେଶ୍ୱର,୧୯।୧୦(ବ୍ୟୁରୋ)**

ଖାରବେଳନଗର ଥାନା ଅଞ୍ଚଳରେ ଏକ ବାର୍‌ରେ ଜଣେ ଯୁବକଙ୍କୁ ଆକ୍ରମଣ ଘଟଣାରେ ପୋଲିସ ଦୀର୍ଘ ୮ ମାସ ପରେ ଫେରାର ଥିବା ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଭଦ୍ରକ ଜିଲା ସଦର ଥାନା ଅଧୀନ ଚରମ୍ପା ଅଞ୍ଚଳର ସୁମନ ବାରିକ ଓ ଏୟାରଫିଲ୍ଡ ଥାନା ଅନ୍ତର୍ଗତ ସୁନ୍ଦରପଦା ହାଟସାହିର ବାଦଲ ସାହୁ। ଏହି ଘଟଣାରେ ଫେବୃଆରୀ ୧୬ରେ ମୁଖ୍ୟ ଅଭିଯୁକ୍ତ ପଦିଆ ସାହୁଙ୍କୁ ଗିରଫ କରାଯାଇଥିଲା। ସୂଚନା ଅନୁଯାୟୀ, ଗତ ଫେବୃୟାରୀ ୧୩ ସନ୍ଧ୍ୟାରେ ଶହୀଦ ନଗର ଥାନାର ଆର୍ଯ୍ୟ ବେଦାନ୍ତ ମ୍ୟାଡ୍ ମୁଲ୍ ବାରକୁ ଯାଇଥିବାବେଳେ ସେଠାରେ କେତେଜଣ ବାଉନ୍ସରଙ୍କ ସହ ତାଙ୍କର ପାଟିତୁଣ୍ଡ ହୋଇଥିଲା। ପରେ ୫ଜଣ ଆର୍ଯ୍ୟଙ୍କୁ ଆକ୍ରମଣ କରିବା ସହ ତାଙ୍କ ବେକକୁ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଫଳରେ ସେ ଆହତ ହୋଇଥିଲେ। ଏନେଇ ଥାନାରେ ଏକ ମାମଲା (ନଂ. ୫୪/୨୧) ରୁଜୁ ହୋଇଥିଲା।

## ଆଡ଼କାଠ ପାଖରେ ଦର୍ଶନ କରିବେ ଭକ୍ତ

**ପୁରୁଣା ଭୁବନେଶ୍ୱର,୧୯।୧୦(ଡି.ଏନ୍.ଏ.)**

ପବିତ୍ର କାର୍ତ୍ତିକ ମାସରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରାଇଦାମୋଦର ବେଶ ଅନୁଷ୍ଠିତ ହେବ। ଏହି ବେଶ ପ୍ରତ୍ୟହ ଦୁଇଥର ଅନୁଷ୍ଠିତ ହେବ। କେବଳ ସକାଳ ଧୂପ ଏବଂ ସନ୍ଧ୍ୟା ଧୂପରେ ଲିଙ୍ଗରାଜଙ୍କ ଶକ୍ତି ଉପରେ ୧୨କେଜିରୁ ଊର୍ଦ୍ଧ୍ୱରୁ ରୁପା ସହ ବିଭିନ୍ନ ରଙ୍ଗର ପାଟବସ୍ତ୍ର ଲାଗି କରାଯାଇ ବେଶ ହୋଇଥାଏ। ଚଳିତବର୍ଷ କୋଭିଡ୍ କଟକଣା ପାଇଁ ଭକ୍ତ ଏବଂ ହବିଷିଆଳିମାନେ ଆଡ଼କାଠ ପାଖରେ ରହି ଦର୍ଶନ କରିପାରିବେ। ଏହି ରାଇଦାମୋଦର ବେଶ ଦର୍ଶନ କଲେ ବୈକୁଣ୍ଠ ପ୍ରାପ୍ତି ହୋଇଥାଏ ବୋଲି ପୁରାଣରେ ବର୍ଣ୍ଣିତ ରହିଛି। ଚଳିତବର୍ଷ କୌଣସି ଧର୍ମଶାଳା ମଠରେ ହବିଷିଆଳିମାନେ ଏକାଠି ରହିପାରିବେ ନାହିଁ ବୋଲି ଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡଅଧିକାରୀ ପ୍ରସନ୍ନ ଦାଶ କହିଛନ୍ତି।

## ଦୁର୍ବଳ ହେଉଛି ସୁରକ୍ଷାକବଚ

**ପୁରୀ ଅଫିସ,୧୯।୧୦**



ବାଲୁଖଣ୍ଡ ଅଭୟାରଣ୍ୟ

■ ସମୁଦ୍ର ତଟବର୍ତ୍ତୀ ଗାଁକୁ ମାଡ଼ିଆସୁଛି ପାଣି

■ ୬ ଶହ ହେକ୍ଟରରେ ହେବ ଚାରାରୋପଣ

ପୁରୀ ଉପକୂଳର ସୁରକ୍ଷାକବଚ ତଥା ଗ୍ରୀନ୍ କୋଷ୍ଟାଲ୍ ୱାଲ୍ ଭାବେ ପରିଚିତ ବାଲୁଖଣ୍ଡ ଅଭୟାରଣ୍ୟ କ୍ରମଶଃ ଦୁର୍ବଳ ହେବାରେ ଲାଗିଛି। ସାମୁଦ୍ରିକ ଅବକ୍ଷୟ ଏବଂ ବାତ୍ୟାକୁ ରୋକୁଥିବା ହେନ୍ତାଳ ଓ ଝାଉଁବଣ କ୍ରମଶଃ ନଷ୍ଟ ହେଉଛି। ଫନୀ ମହାବାତ୍ୟାରେ ବାଲୁଖଣ୍ଡର ହଜାର ହଜାର ଗଛ ଭାଙ୍ଗିଯାଇଥିଲା। ଏହାପରେ ଯେଭଳି ଗତିରେ ପୁନଃବନୀକରଣ କରାଯିବାର ଆବଶ୍ୟକତା ଥିଲା ତାହା ହୋଇପାରିନାହିଁ। ଫଳରେ ପୁରୀ ସହର ସମେତ ଜିଲାର ସମୁଦ୍ର ତଟବର୍ତ୍ତୀ ଅଞ୍ଚଳ ପ୍ରତି ଏବେ ବିପଦ ଆଶଙ୍କା ସୃଷ୍ଟି ହୋଇଛି।

ପର୍ଯ୍ୟଟନ କ୍ଷେତ୍ର ପୁରୀ, କୋଣାର୍କ ଏବଂ ବ୍ରହ୍ମଗିରିର ଚିଲିକା ପାର୍ଶ୍ୱ ଦେଇ ବାଲୁଖଣ୍ଡ ଅଭୟାରଣ୍ୟ ଯାଇଛି। ଭୌଗୋଳିକ ଦୃଷ୍ଟି କୋଣରୁ ପୁରୀ ଏକ ବାତ୍ୟାପ୍ରବଣ ଅଞ୍ଚଳ ହୋଇଥିଲେ ମଧ୍ୟ ବାଲୁଖଣ୍ଡ ଅଭୟାରଣ୍ୟ ପୁରୀର ସୁରକ୍ଷା ପାଇଁ ସର୍ବଦା ସୁରକ୍ଷା କବଚ ସାଜି ଠିଆ ହୋଇଛି। ବାଲୁଖଣ୍ଡ ଅଭୟାରଣ୍ୟ ବ୍ରହ୍ମଗିରିଠାରୁ ଆରମ୍ଭ ହୋଇ ଅସ୍ତରଙ୍ଗ ପର୍ଯ୍ୟନ୍ତ ଲମ୍ବିଛି। ଏହି ଗ୍ରୀନ୍ କୋଷ୍ଟାଲ୍ ୱାଲ୍ ୪୦ କିଲୋମିଟର ପର୍ଯ୍ୟନ୍ତ ବ୍ୟାପିଛି, ଯେଉଁଥିରେ ପ୍ରାୟ ୮୭ ଶହ ହେକ୍ଟର ଜଙ୍ଗଲ ରହିଛି। ସବୁଜ ବଳୟ ଯୋଗୁ ପୁରୀରେ ବାତ୍ୟା ପ୍ରଭାବଶୂନ୍ୟ ରହୁଥିଲା। ମାତ୍ର ଏହା କ୍ଷୟ ହେବାରେ ଲାଗିଥିବାରୁ ପ୍ରତିବର୍ଷ ବାତ୍ୟା ଆସି ଏହି ଗ୍ରୀନ କୋଷ୍ଟାଲ୍ ୱାଲ୍‌କୁ ବ୍ୟାପକ ଭାବେ ବିପର୍ଯ୍ୟସ୍ତ କରୁଛି। ଫନୀରେ କେତେ ସଂଖ୍ୟକ ଗଛ ଭାଙ୍ଗିଥିଲା ତା’ର ହିସାବ କିମ୍ବା ଭରଣା ପ୍ରତି କାହାରି ଧ୍ୟାନ ନାହିଁ। ଏବେ ବି ଅଭୟାରଣ୍ୟରେ ବହୁ ଭଙ୍ଗା ଗଛ ପଡ଼ିରହିଛି। ସରକାରୀ ତଥ୍ୟ ଅନୁଯାୟୀ, ବାତ୍ୟା ଫନୀରେ ଅଭୟାରଣ୍ୟର ୨୦ଲକ୍ଷ ଗଛ ପ୍ରଭାବିତ ହୋଇଥିଲା। ଗଛ ନଷ୍ଟ ଯୋଗୁ ଅସ୍ତରଙ୍ଗ ଓ ବ୍ରହ୍ମଗିରିର କେତେକ ଗାଁ ଭିତରକୁ ସମୁଦ୍ର ପାଣି ମାଡ଼ିଆସୁଛି। ବ୍ରହ୍ମଗିରିର କିଛି ଗ୍ରାମରେ ଚିଲିକା ପାଣି ପଶିବାର ଚିତ୍ର ଅନେକ ସମୟରେ ଦେଖିବାକୁ ମିଳୁଛି। ଅସରାଏ ବର୍ଷା ହେଲେ ମଧ୍ୟ ଅସ୍ତରଙ୍ଗ ଓ ବ୍ରହ୍ମଗିରି ଅଞ୍ଚଳରେ ଥିବା ନଦୀତଟବର୍ତ୍ତୀ ଗ୍ରାମର ଲୋକଙ୍କ ମନରେ ଛନକା ପଶୁଛି। ଏ ନେଇ ପୁରୀ ଇକୋ କ୍ଲବ୍ କର୍ମକର୍ତ୍ତା ରମାଶଙ୍କର ପାତ୍ର କହିଛନ୍ତି, ଜଙ୍ଗଲ ଅବକ୍ଷୟ ଯୋଗୁ ବ୍ରହ୍ମଗିରି ଲୋକଙ୍କ ସମସ୍ୟା ବଢ଼ିଛି। ଯେଉଁ ସୁରକ୍ଷା କବଚ ଦିନେ ବାତ୍ୟା ଓ ବନ୍ୟା ରୋକୁଥିଲା, ସେହି କବଚ ବାତ୍ୟାରେ ପ୍ରଭାବିତ ହେବା ପରେ ବ୍ରହ୍ମଗିରିବାସୀଙ୍କ ମଧ୍ୟରେ ଭାଳେଣି ପଡ଼ିଛି। ଚିଲିକା ନିକଟବର୍ତ୍ତୀ ଗ୍ରାମଗୁଡ଼ିକ ପାଇଁ ବନ୍ୟା ଏକ ବଡ ସମସ୍ୟା। ଏଣୁ ପୁଣି ଥରେ ସୁରକ୍ଷା କବଚକୁ ମଜଭୁତ କରିବା ପାଇଁ ବ୍ୟାପକ ବୃକ୍ଷରୋପଣର ଆବଶ୍ୟକତା ରହିଛି। ସାମୟିକ ଭାବେ ବୃକ୍ଷରୋପଣ କରାଯାଉଥିବାରୁ ଏହାର ସଫଳ ରୂପାୟନ ହୋଇପାରୁନାହିଁ। ତେଣୁ ଏ ଦିଗରେ ଗୁରୁତ୍ୱର ସହ ପଦକ୍ଷେପ ନିଆଯିବା ଜରୁରୀ। ସେହିପରି ପୁରୀ ଜିଲା ଉପକୂଳ ମତ୍ସ୍ୟଜୀବୀ ସଂଘର ସଭାପତି ଶିବପ୍ରସାଦ ରାଓ କହିଛନ୍ତି, ପୁରୀ ସହରକୁ ଲାଗି ଅନେକ ବଡ଼ ବଡ଼ ଗଛ ଅଭୟାରଣ୍ୟର ଅଂଶ ଭାବେ ଦେଖିବାକୁ ମିଳୁଥିଲା। ଘଞ୍ଚଜଙ୍ଗଲ ସହରବାସୀଙ୍କ ପାଇଁ ଆଶ୍ୱସ୍ତି ଆଣୁଥିଲା। ମାତ୍ର ଏବେ ସେସବୁ ନାହିଁ। ଏଥିଲାଗି ପୁଣି ପ୍ରୟାସ ଆରମ୍ଭ ହେବା ଦରକାର। ନଚେତ୍ ସମୁଦ୍ର ବିପଦସଙ୍କୁଳ ହେବାର ଆଶଙ୍କା ବଢ଼ିବ। ଅନ୍ୟପକ୍ଷରେ ଜିଲା ଜଙ୍ଗଲ ଅଧିକାରୀ ରାମାସ୍ୱାମୀ କହିଛନ୍ତି, ବାତ୍ୟା ଫନୀ ପରେ ବାଲୁଖଣ୍ଡ ଅଭୟାରଣ୍ୟର ସୁରକ୍ଷା ପାଇଁ ବନ ବିଭାଗ ଓ ଜିଲା ପ୍ରଶାସନ ମିଳିତ ଭାବେ ଉଦ୍ୟମ ଆରମ୍ଭ କରିଛି। ୪ଶହ ହେକ୍ଟର ଜମିରେ ଚାରାରୋପଣ ପାଇଁ ୩ ଲକ୍ଷ ଚାରା ଆନ୍ଧ୍ରପ୍ରଦେଶର ମହେନ୍ଦ୍ରଗିରିରୁ ଅଣାଯାଇଛି। ଫନୀ ପରେ ୧୫୦ ହେକ୍ଟରରେ ଚାରାରୋପଣ କରାଯାଇଥିବା ବେଳେ ବଳକା ୬ଶହ ହେକ୍ଟରରେ ଚାରା ଲଗାଯିବା କାମ ଏବେ ଆରମ୍ଭ ହୋଇଛି। ମାଟିକୁ ଶକ୍ତ ଭାବେ ଜାବୁଡ଼ି ଧରୁଥିବା ଓ ସମୁଦ୍ରକୂଳିଆ ଅଞ୍ଚଳରେ ଶୀଘ୍ର ବଢ଼ିପାରୁଥିବା ବୃକ୍ଷକୁ ପ୍ରାଥମିକତା ଦେଇ ଚାରାରୋପଣ ହେଉଛି। ବିଶେଷ ଭାବେ କାଜୁ ଜଙ୍ଗଲ ସୃଷ୍ଟି ଲାଗି ପ୍ରୟାସ ଚାଲିଛି। ଉଲ୍ଲେଖଯୋଗ୍ୟ ଯେ, ବେଳାଭୂମିର ସୁରକ୍ଷା ଓ ସବୁଜିମା ପାଇଁ ରାଜ୍ୟକୁ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ୫ କୋଟି ଟଙ୍କା ମିଳିଥିଲା। ଏହି ଟଙ୍କାର ଏକ ଭାଗ ପୁରୀ ବେଳାଭୂମିର ସୁରକ୍ଷା, ଜଙ୍ଗଲ ଅବକ୍ଷୟ ରୋକିବା ଏବଂ ସାମୁଦ୍ରିକ ପ୍ରାଣୀଙ୍କ ସୁରକ୍ଷା ଉଦ୍ଦେଶ୍ୟରେ ଖର୍ଚ୍ଚ ହେଉଛି ବୋଲି ସୂଚନା ମିଳିଛି। ସେହିଭଳି ପରିବେଶବିତ୍‌ମାନେ ବେଳାଭୂମି ଅବକ୍ଷୟ ରୋକୁଥିବା ବିରଳ ଘାସକୁ ରୋପଣ କରିବା ପାଇଁ ମତ ଦେଇଛନ୍ତି।

**QUOTATION/TENDER CALL NOTICE**

**JANATA COLLEGE, BOINDA**

Sealed Quotation/Tender are invited from interested parties / firms having TIN/PAN No./ Registration No., Valid GST and other relevant documents for supply of Book Racks to Janata College, Boinda, Dist.- Angul. Details of terms and conditions, description of item and other eligibility criteria are available in the website: www.janatacollegeboinda.org.

Sd./- Principal, Janata College, Boinda
Mob.: 9437331225

**OFFICE OF THE EXECUTIVE ENGINEER, RWS&S DIVISION, KENDRAPARA**

At:Ichhapur, Post : Shree Baladevjew
Email: eerwsskendrapara@gmail.com

**INVITATIONS FOR BIDS (IFB) [e-Procurement]**
**Bid Identification No. RWS/ 42 /2021-22**

No. O-837:- Letter No. 5014 / Dated. 11.10.2021

| | | | |
|---|---|---|---|
| 1 | The Executive Engineer, RWS&S Division, Kendrapara on behalf of Governor of Odisha invites urgent basis lump sum bid in single cover system in ONLINE MODE from eligible contractors for sinking of different 200 mm dia Production well for different Rural Piped Water Supply Schemes in Kendrapara District. | | |
| 2 | Name of the work | : | Sinking of 200 mm dia Production well through Mud Rotary Rig for different RPWS Schemes in Kendrapara district |
| 3 | No. of Work | : | 11 Nos. (Eleven) only |
| 4 | Value of the Work | : | Rs.5.91 Lakhs to Rs.6.30 Lakhs |
| 5 | Concerned tender inviting authority | : | Executive Engineer, RWS&S Division, Kendrapara |
| 6 | Cost of Bid documents (Rs.) (Online) | : | Rs.4000.00 |
| 7 | Class of Bidder | : | " D" and "C" |
| 8 | Period of Completion | : | 45 days |
| 9 | Availability of bid documents in the website | : | From date. 25.10.2021 at 10.00 A.M to date. 08.11.2021, 5.30 P.M. |
| 10 | Last Date & time of seeking tender clarification | : | Upto 03.11.2021 upto 5.30 P.M. |
| 11 | Date of oening of bid | : | 09.11.2021 at 11.00 A.M. |

The bidders have to participate in the tender through ONLINE bidding only. Further details can be had from the website i.e. http://tendersodisha.gov.in.
Subsequent corrigendum / addendum if required shall only be appeared in the above website.

Sd./- Executive Engineer, RWS&S Division, Kendrapara
OIPR-25004/11/0019/2122

NATION TAX MARKET GST
COMMISSIONERATE OF CT & GST (Under Finance Department; GOVERNMENT OF ODISHA)

No. S-18

**ଜିଏସ୍‌ଟି ଟିକସଦାତା, ଦୟାକରି ଧ୍ୟାନ ଦିଅନ୍ତୁ!**

**ବିଳମ୍ବିତ GSTR-3B ଦାଖଲ କରିବା ନିମିତ୍ତ ସର୍ବକ୍ଷମା ଯୋଜନାର ଶେଷ ତାରିଖ ୩୦ ନଭେମ୍ବର ୨୦୨୧ ପର୍ଯ୍ୟନ୍ତ ବୃଦ୍ଧି**

- ବିଜ୍ଞପ୍ତି ସଂଖ୍ୟା ୧୯/୨୦୨୧, ତାରିଖ ୧ ଜୁନ ୨୦୨୧ ଅନୁଯାୟୀ ଜୁଲାଇ ୨୦୧୭ରୁ ଏପ୍ରିଲ ୨୦୨୧ ମଧ୍ୟରେ ବକେୟା ଥିବା ସମସ୍ତ GSTR-3B ରିଟର୍ଣ୍ଣଗୁଡ଼ିକୁ ୧ ଜୁନ ୨୦୨୧ରୁ ୩୧ ଅଗଷ୍ଟ ୨୦୨୧ ମଧ୍ୟରେ ଦାଖଲ କଲେ ବିଳମ୍ବ ଶୁଳ୍କ ହ୍ରାସ କରିବା ପାଇଁ ଧାର୍ଯ୍ୟ କରାଯାଇଥିଲା ।
- ବର୍ତ୍ତମାନ ସରକାର ଉପରୋକ୍ତ ରିଟର୍ଣ୍ଣଗୁଡ଼ିକୁ ଦାଖଲ କରିବାର ଶେଷ ତାରିଖକୁ ୩୦ ନଭେମ୍ବର ୨୦୨୧ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି (ବିଜ୍ଞପ୍ତି ସଂଖ୍ୟା ୩୩/୨୦୨୧, ତାରିଖ ୨୯ ଅଗଷ୍ଟ ୨୦୨୧ ଦ୍ରଷ୍ଟବ୍ୟ) ।
- ଉପରୋକ୍ତ Tax period ମାନଙ୍କ ପାଇଁ ଯେଉଁ ଟିକସଦାତାମାନେ ସେମାନଙ୍କ GSTR-3B ଦାଖଲ କରିନାହାନ୍ତି, ସେମାନେ ନିଜର ବକେୟା ରିଟର୍ଣ୍ଣଗୁଡ଼ିକୁ ୩୦ ନଭେମ୍ବର ୨୦୨୧ ପୂର୍ବରୁ ଦାଖଲ କରି ଏହି ଏକକାଳୀନ ସର୍ବକ୍ଷମା ଯୋଜନାର ଲାଭ ଉଠାଇପାରିବେ ।

Help Desk: 1800-345-6753 (Toll Free)
email: ctdho@odishatax.gov.in

ବାଣିଜ୍ୟକର ଓ ଜିଏସ୍‌ଟି ଆୟୁକ୍ତ
ଓଡ଼ିଶା ସରକାର, କଟକ
OIPR-05006/11/0005/2122



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୧୯।୧୦।୨୦୨୧

| ୪,୮୧,୨୨୦ ଟଙ୍କା | |
|---|---|
| ସୁନା | ୩ ଗ୍ରାମ |
| ରୁପା | ୫.୨୦୦ ଗ୍ରାମ |

## ଆଜି କ'ଣ କେଉଁଠି

**ପୁରୀ**

- ଜଗନ୍ନାଥ ସେନା ପକ୍ଷରୁ ବିଭିନ୍ନ ଦାବି ନେଇ ଶୋଭାଯାତ୍ରା, ସିଂହଦ୍ୱାର ସମ୍ମୁଖ, ପୂର୍ବାହ୍ନ ୧୧ଟା।
- ଭାଜପା ପକ୍ଷରୁ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ କୁଶପୁତ୍ତଳିକା ଦାହ, ଏସ୍‌ପି ଅଫିସ ସମ୍ମୁଖ, ପୂର୍ବାହ୍ନ ୧୧ଟା।
- ଶ୍ରୀକ୍ଷେତ୍ର ଯୁବ ସାଂସ୍କୃତିକ ସଂସଦର ୪୨ତମ କୁମାର ଉତ୍ସବ, ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସନ୍ଧ୍ୟା ୬ଟା ୩୦।

**ସାକ୍ଷୀଗୋପାଳ**

- ବନ ବିଦ୍ୟାଳୟର ୧୧୩ତମ ସ୍ୱନକ୍ଷତ୍ର ଉତ୍ସବ, ସାହିତ୍ୟ ସଭା ଓ କବିତା ଆସର, ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୦ଟା।

## ସଂକ୍ଷେପରେ

### କୁମାର ପୂର୍ଣ୍ଣିମାରେ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି

ପୁରୀ ଅଫିସ,୧୯।୧୦: ଆଶ୍ୱିନ ମାସ କୁମାର ପୂର୍ଣ୍ଣିମାରେ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହେବ। ଏହାର ଠିକ୍ ପରଦିନଠାରୁ ଶ୍ରୀକ୍ଷେତ୍ରରେ କାର୍ତ୍ତିକ ବ୍ରତ ଆରମ୍ଭ ହେବ। ପ୍ରତିବର୍ଷ କାର୍ତ୍ତିକ ମାସରେ ପୁରୀରେ ହବିଷିଆଳିଙ୍କ ଅସମ୍ଭବ ଭିଡ଼ ଜମିଥାଏ। କିନ୍ତୁ ଗତବର୍ଷ ଭଳି ଚଳିତବର୍ଷ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଜିଲା ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ହବିଷିଆଳିଙ୍କୁ ରଖିବା ନେଇ କୌଣସି ବ୍ୟବସ୍ଥା ହୋଇନାହିଁ। ହବିଷିଆଳିମାନେ ପୁରୀ ନ ଆସି ଘରେ ରହି କାର୍ତ୍ତିକ ବ୍ରତ କରିବା ପାଇଁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ମଠବାଡ଼ି, ହୋଟେଲ, ଲଜିଂରେ ହବିଷିଆଳିଙ୍କୁ ନ ରଖିବା ପାଇଁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଧର୍ମମାସ କାର୍ତ୍ତିକରେ ଶ୍ରୀମନ୍ଦିରରେ ଭକ୍ତଙ୍କ ଭିଡ଼ ଆଶଙ୍କାକୁ ଦୃଷ୍ଟିରେ ରଖି ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା କରାଯିବ। ଭକ୍ତମାନେ କୋଭିଡ୍ କଟକଣା ମାନି ଶ୍ରୀମନ୍ଦିର ଭିତରକୁ ଯାଉଥିବାରୁ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡୁଛି। ଏଣୁ ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଆବଶ୍ୟକ ହେଲେ କିଓସ୍କୋ ସଂଖ୍ୟା ମଧ୍ୟ ବଢ଼ାଯିବା ପାଇଁ ଯୋଜନା ଚାଲିଛି। କାର୍ତ୍ତିକ ମାସରେ ସମସ୍ତ ଭକ୍ତ ଯେଭଳି ସୁରୁଖୁରୁରେ ମହାପ୍ରସାଦ ପାଇପାରିବେ ସେନେଇ ସୁଆର ମହାସୁଆର ନିଯୋଗ ସହ ଆଲୋଚନା କରାଯାଇ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯିବ। ତେବେ ଶ୍ରୀମନ୍ଦିରର ଦକ୍ଷିଣ ଓ ଉତ୍ତର ଦ୍ୱାରରେ ଭକ୍ତମାନଙ୍କ ପାଇଁ ମହାପ୍ରସାଦ ଉପଲବ୍ଧ ଲାଗି ବ୍ୟବସ୍ଥା ହେବା ପାଇଁ ଯୋଜନା ଥିବା ଜିଲାପାଳ ସମର୍ଥ ବର୍ମା ମଙ୍ଗଳବାର ସୂଚନା ଦେଇଛନ୍ତି।

### ଚନ୍ଦ୍ର ଆଞ୍ଜୁଳି ପାଇଁ ବଡ଼ଦାଣ୍ଡରେ ଖୋଲିଛି ପସରା

ପୁରୀ ଅଫିସ, ୧୯।୧୦- କୁମାର ପୂର୍ଣ୍ଣମୀ ପାଳନ କରିବା ପାଇଁ ସହରର କୁଆଁରି ଝିଅଙ୍କର ମଧରେ ଉତ୍କଣ୍ଠା ବଢ଼ିଛି । କରୋନା କଟକଣା ମଧରେ ଲୁଗା ଦୋକାନ, ପୂଜା ସାମଗ୍ରୀ ଦୋକାନ ଓ ଆଞ୍ଜୁଳି ପସରା ଦୋକାନରେ ଭିଡ ଲାଗି ରହିଥିବା ଦେଖିବାକୁ ମିଳିଛି। କୁମାର ପୂର୍ଣ୍ଣମୀରେ ସେମାନେ ଉପବାସ ରଖିବା ସହ ମାସାଧିକ କାଳ ରଖିଥିବା ଜହ୍ନି ଓଷା ବ୍ରତ ଉଦ୍‌ଯାପନ କରିବେ। କୁଆଁରିମାନେ ଭୋରରୁ ଉଠି ସ୍ନାନ ଓ ନିତ୍ୟକର୍ମ ସାରି ଚତୁର୍ଦ୍ଦଶୀ ଚନ୍ଦ୍ରଙ୍କୁ ଅର୍ଘ୍ୟ ଦେବା ସହ ଉପବାସ ପାଳନ କରିବେ। ଚନ୍ଦ୍ରଉଦିଆ ବର ପାଇବା ପାଇଁ ଏହି ବ୍ରତ କନ୍ୟାମାନେ ପାଳନ କରିବା ପରମ୍ପରା ଉତ୍କଳ ଭୂ-ଖଣ୍ଡରେ ପ୍ରଚଳିତ। ପୂର୍ଣ୍ଣମୀ ଦିନ ନୂଆ ବସ୍ତ୍ର ପିନ୍ଧି ଏହି ବ୍ରତ ପାଳନ କରିବାର ପରମ୍ପରା ଥିବାରୁ ସହରରେ ଥିବା ଲୁଗା ଦୋକାନଗୁଡ଼ିକରେ ଭିଡ ରହିଛି। ଏହାବ୍ୟତୀତ ଲିଆ ଓ ଖଇ ଉଦିତ ଚନ୍ଦ୍ରଙ୍କୁ ଅର୍ଘ୍ୟ ଦିଆଯିବା ଓ ଚାନ୍ଦ ଚକଟା ପାଇଁ ଖଇ, କଦଳୀ, ଛେନା ଆବଶ୍ୟକ ହେଉଥିବାରୁ ଏହି ସବୁ ଦୋକାନରେ କିଣାବିକା ଚାଲିଥିଲା। ଚନ୍ଦ୍ରପୂଜା ସଂକଳ୍ପ କରିବା ପାଇଁ ଫୁଲ ଲଗା ଜହ୍ନି, କାକୁଡ଼ି, ଗୋଟାଗୁଆ, କରମଙ୍ଗା, ମେଘୁଆ, ନଡ଼ିଆ ଓ କଇଁଫୁଲ ପସରା ନିକଟରେ ଶ୍ରଦ୍ଧାଳୁମାନେ ଭିଡ ଲଗାଇଥିଲେ।

# ଦୁର୍ବଳ ହେଉଛି ସୁରକ୍ଷାକବଚ

ପୁରୀ ଅଫିସ,୧୯।୧୦:



ପୁରୀ ଉପକୂଳର ସୁରକ୍ଷାକବଚ ତଥା ଗ୍ରୀନ୍ କୋଷ୍ଟାଲ୍ ୱାଲ୍ ଭାବେ ପରିଚିତ ବାଲୁଖଣ୍ଡ ଅଭୟାରଣ୍ୟ କ୍ରମଶଃ ଦୁର୍ବଳ ହେବାରେ ଲାଗିଛି। ସାମୁଦ୍ରିକ ଅବକ୍ଷୟ ଏବଂ ବାତ୍ୟାକୁ ରୋକୁଥିବା ହେନ୍ତାଳ ଓ ଝାଉଁବଣ କ୍ରମଶଃ ନଷ୍ଟ ହେଉଛି। ଫନୀ ମହାବାତ୍ୟାରେ ବାଲୁଖଣ୍ଡର ହଜାର ହଜାର ଗଛ ଭାଙ୍ଗିଯାଇଥିଲା। ଏହାପରେ ଯେଭଳି ଗତିରେ ପୁନଃବନୀକରଣ କରାଯିବାର ଆବଶ୍ୟକତା ଥିଲା ତାହା ହୋଇପାରିନାହିଁ। ଫଳରେ ପୁରୀ ସହର ସମେତ ଜିଲାର ସମୁଦ୍ର ତଟବର୍ତ୍ତୀ ଅଞ୍ଚଳ ପ୍ରତି ଏବେ ବିପଦ ଆଶଙ୍କା ସୃଷ୍ଟି ହୋଇଛି।

ପର୍ଯ୍ୟଟନ କ୍ଷେତ୍ର ପୁରୀ, କୋଣାର୍କ ଏବଂ ବ୍ରହ୍ମଗିରିର ଚିଲିକା ପାର୍ଶ୍ୱ ଦେଇ ବାଲୁଖଣ୍ଡ ଅଭୟାରଣ୍ୟ ଯାଇଛି। ଭୌଗୋଳିକ ଦୃଷ୍ଟି କୋଣରୁ ପୁରୀ ଏକ ବାତ୍ୟାପ୍ରବଣ ଅଞ୍ଚଳ ହୋଇଥିଲେ ମଧ୍ୟ ବାଲୁଖଣ୍ଡ ଅଭୟାରଣ୍ୟ ପୁରୀର ସୁରକ୍ଷା ପାଇଁ ସର୍ବଦା ସୁରକ୍ଷା କବଚ ସାଜି ଠିଆ ହୋଇଛି। ବାଲୁଖଣ୍ଡ ଅଭୟାରଣ୍ୟ ବ୍ରହ୍ମଗିରିଠାରୁ ଆରମ୍ଭ ହୋଇ ଅସ୍ତରଙ୍ଗ ପର୍ଯ୍ୟନ୍ତ ଲମ୍ବିଛି। ଏହି ଗ୍ରୀନ୍ କୋଷ୍ଟାଲ୍ ୱାଲ୍ ୪୦ କିଲୋମିଟର ପର୍ଯ୍ୟନ୍ତ ବ୍ୟାପିଛି, ଯେଉଁଥିରେ ପ୍ରାୟ ୮୭ ଶହ ହେକ୍ଟର ଜଙ୍ଗଲ ରହିଛି। ସବୁଜ ବଳୟ ଯୋଗୁ ପୁରୀରେ ବାତ୍ୟା ପ୍ରଭାବଶୂନ୍ୟ ରହୁଥିଲା। ମାତ୍ର ଏହା କ୍ଷୟ ହେବାରେ ଲାଗିଥିବାରୁ ପ୍ରତିବର୍ଷ ବାତ୍ୟା ଆସି ଏହି ଗ୍ରୀନ କୋଷ୍ଟାଲ୍ ୱାଲ୍‌କୁ ବ୍ୟାପକ ଭାବେ ବିପର୍ଯ୍ୟସ୍ତ କରୁଛି। ଫନୀରେ କେତେ ସଂଖ୍ୟକ ଗଛ ଭାଙ୍ଗିଥିଲା ତା'ର ହିସାବ କିମ୍ବା ଭରଣା ପ୍ରତି କାହାରି ଧ୍ୟାନ ନାହିଁ। ଏବେ ବି ଅଭୟାରଣ୍ୟରେ ବହୁ ଭଙ୍ଗା ଗଛ ପଡ଼ିରହିଛି। ସରକାରୀ ତଥ୍ୟ ଅନୁଯାୟୀ, ବାତ୍ୟା ଫନୀରେ ଅଭୟାରଣ୍ୟର ୨୦ଲକ୍ଷ ଗଛ ପ୍ରଭାବିତ ହୋଇଥିଲା। ଗଛ ନଷ୍ଟ ଯୋଗୁ ଅସ୍ତରଙ୍ଗ ଓ ବ୍ରହ୍ମଗିରିର କେତେକ ଗାଁ ଭିତରକୁ ସମୁଦ୍ର ପାଣି ମାଡ଼ିଆସୁଛି। ବ୍ରହ୍ମଗିରିର କିଛି ଗ୍ରାମରେ ଚିଲିକା ପାଣି ପଶିବାର ଚିତ୍ର ଅନେକ ସମୟରେ ଦେଖିବାକୁ ମିଳୁଛି। ଅସରାଏ ବର୍ଷା ହେଲେ ମଧ୍ୟ ଅସ୍ତରଙ୍ଗ ଓ ବ୍ରହ୍ମଗିରି ଅଞ୍ଚଳରେ ଥିବା ନଦୀତଟବର୍ତ୍ତୀ ଗ୍ରାମର ଲୋକଙ୍କ ମନରେ ଛନକା ପଶୁଛି। ଏ ନେଇ ପୁରୀ ଇକୋ କ୍ଲବ୍ କର୍ମକର୍ତ୍ତା ରମାଶଙ୍କର ପାତ୍ର କହିଛନ୍ତି, ଜଙ୍ଗଲ ଅବକ୍ଷୟ ଯୋଗୁ ବ୍ରହ୍ମଗିରି ଲୋକଙ୍କ ସମସ୍ୟା ବଢ଼ିଛି। ଯେଉଁ ସୁରକ୍ଷା କବଚ ଦିନେ ବାତ୍ୟା ଓ ବନ୍ୟା ରୋକୁଥିଲା, ସେହି କବଚ ବାତ୍ୟାରେ ପ୍ରଭାବିତ ହେବା ପରେ ବ୍ରହ୍ମଗିରିବାସୀଙ୍କ ମଧ୍ୟରେ ଭାଳେଣି ପଡ଼ିଛି। ଚିଲିକା ନିକଟବର୍ତ୍ତୀ ଗ୍ରାମଗୁଡ଼ିକ ପାଇଁ ବନ୍ୟା ଏକ ବଡ ସମସ୍ୟା। ଏଣୁ ପୁଣି ଥରେ ସୁରକ୍ଷା କବଚକୁ ମଜଭୁତ କରିବା ପାଇଁ ବ୍ୟାପକ ବୃକ୍ଷରୋପଣର ଆବଶ୍ୟକତା ରହିଛି। ସାମୟିକ ଭାବେ ବୃକ୍ଷରୋପଣ କରାଯାଉଥିବାରୁ ଏହାର ସଫଳ ରୂପାୟନ ହୋଇପାରୁନାହିଁ। ତେଣୁ ଏ ଦିଗରେ ଗୁରୁତ୍ୱର ସହ ପଦକ୍ଷେପ ନିଆଯିବା ଜରୁରୀ। ସେହିପରି ପୁରୀ ଜିଲା ଉପକୂଳ ମତ୍ସ୍ୟଜୀବୀ ସଂଘର ସଭାପତି ଶିବପ୍ରସାଦ ରାଓ କହିଛନ୍ତି, ପୁରୀ ସହରକୁ ଲାଗି ଅନେକ ବଡ଼ ବଡ଼ ଗଛ ଅଭୟାରଣ୍ୟର ଅଂଶ ଭାବେ ଦେଖିବାକୁ ମିଳୁଥିଲା। ଘଞ୍ଜଙ୍ଗଲ ସହରବାସୀଙ୍କ ପାଇଁ ଆଶ୍ୱସ୍ତି ଆଣୁଥିଲା। ମାତ୍ର ଏବେ ସେସବୁ ନାହିଁ। ଏଥିଲାଗି ପୁଣି ପ୍ରୟାସ ଆରମ୍ଭ ହେବା ଦରକାର। ନଚେତ୍ ସମୁଦ୍ର ବିପଦସଙ୍କୁଳ ହେବାର ଆଶଙ୍କା ବଢ଼ିବ। ଅନ୍ୟପକ୍ଷରେ ଜିଲା ଜଙ୍ଗଲ ଅଧିକାରୀ ରାମାସ୍ୱାମୀ କହିଛନ୍ତି, ବାତ୍ୟା ଫନୀ ପରେ ବାଲୁଖଣ୍ଡ ଅଭୟାରଣ୍ୟର ସୁରକ୍ଷା ପାଇଁ ବନ ବିଭାଗ ଓ ଜିଲା ପ୍ରଶାସନ ମିଳିତ ଭାବେ ଉଦ୍ୟମ ଆରମ୍ଭ କରିଛି। ୪ଶହ ହେକ୍ଟର ଜମିରେ ଚାରାରୋପଣ ପାଇଁ ୩ ଲକ୍ଷ ଚାରା ଆନ୍ଧ୍ରପ୍ରଦେଶର ମହେନ୍ଦ୍ରଗିରିରୁ ଅଣାଯାଇଛି। ଫନୀ ପରେ ୧୫୦ ହେକ୍ଟରରେ ଚାରାରୋପଣ କରାଯାଇଥିବା ବେଳେ ବଳକା ୬ଶହ ହେକ୍ଟରରେ ଚାରା ଲଗାଯିବା କାମ ଏବେ ଆରମ୍ଭ ହୋଇଛି। ମାଟିକୁ ଶକ୍ତ ଭାବେ ଜାବୁଡ଼ି ଧରୁଥିବା ଓ ସମୁଦ୍ରକୂଳିଆ ଅଞ୍ଚଳରେ ଶୀଘ୍ର ବଢ଼ିପାରୁଥିବା ବୃକ୍ଷକୁ ପ୍ରାଥମିକତା ଦେଇ ଚାରାରୋପଣ ହେଉଛି। ବିଶେଷ ଭାବେ କାଜୁ ଜଙ୍ଗଲ ସୃଷ୍ଟି ଲାଗି ପ୍ରୟାସ ଚାଲିଛି। ଉଲ୍ଲେଖଯୋଗ୍ୟ ଯେ, ବେଳାଭୂମିର ସୁରକ୍ଷା ଓ ସବୁଜିମା ପାଇଁ ରାଜ୍ୟକୁ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ୫ କୋଟି ଟଙ୍କା ମିଳିଥିଲା। ଏହି ଟଙ୍କାର ଏକ ଭାଗ ପୁରୀ ବେଳାଭୂମିର ସୁରକ୍ଷା, ଜଙ୍ଗଲ ଅବକ୍ଷୟ ରୋକିବା ଏବଂ ସାମୁଦ୍ରିକ ପ୍ରାଣୀଙ୍କ ସୁରକ୍ଷା ଉଦ୍ଦେଶ୍ୟରେ ଖର୍ଚ୍ଚ ହେଉଛି ବୋଲି ସୂଚନା ମିଳିଛି। ସେହିଭଳି ପରିବେଶବିତ୍‌ମାନେ ବେଳାଭୂମି ଅବକ୍ଷୟ ରୋକୁଥିବା ବିରଳ ଘାସକୁ ରୋପଣ କରିବା ପାଇଁ ମତ ଦେଇଛନ୍ତି।

**ବାଲୁଖଣ୍ଡ ଅଭୟାରଣ୍ୟ**

- ■ ସମୁଦ୍ର ତଟବର୍ତ୍ତୀ ଗାଁକୁ ମାଡ଼ିଆସୁଛି ପାଣି
- ■ ୬ ଶହ ହେକ୍ଟରରେ ହେବ ଚାରାରୋପଣ

# ପ୍ରାଚୀନଦୀର ସୁରକ୍ଷା ନେଇ ନୌଯାତ୍ରା

କାକଟପୁର,୧୯।୧୦(ଡି.ଏନ୍.ଏ.):

ପ୍ରାଚୀ ନଦୀତଟର ପ୍ରାଚୀନ ଗୌରବମୟ ଐତିହ୍ୟର ପୁନରୁଦ୍ଧାର ଓ ନଦୀର ସୁରକ୍ଷା ପାଇଁ ଅଧିକ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ନୌସେନା ଭେଟେରାନ କ୍ଲବର ସଭାପତି ବିଦ୍ୟାଧର ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ନରାଜ ମୁଣ୍ଡୁଳୀସ୍ଥିତ ପୁରୀ କେନାଲର ଉତ୍ପତ୍ତିସ୍ଥଳ ଜଗନ୍ନାଥ ମନ୍ଦିର ନିକଟରେ ଆରମ୍ଭ କରିଥିବା ନୌଯାତ୍ରା ମଙ୍ଗଳବାର ସରିଛି। ଯାତ୍ରା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ବେଲେଶ୍ୱର ମନ୍ଦିର ନିକଟରେ କେଲୁଣୀ ମୁହାଣଠାରେ ସମାପନ କରାଯାଇଥିଲା। ଭାରତୀୟ ନୌସେନାର ପଦାଧିକାରୀ ଓ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ଉଦ୍‌ଯାପନୀ ସମାରୋହକୁ ସମ୍ବୋଧିତ କରି ନୌଯାତ୍ରାର ପ୍ରଶଂସା କରିଥିଲେ। ନୌ ଯାତ୍ରାକୁ ପୂର୍ବତନ ନୌସେନା କମାଣ୍ଡର ଦୀନବନ୍ଧୁ ଜେନା ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସ୍ୱାଧୀନତାର ଅମୃତ ମହୋତ୍ସବ ଓ ସ୍ୱର୍ଣ୍ଣିମ ବିଜୟ ବର୍ଷ ପାଳନ ଅବସରରେ ବାହାରିଥିବା ନୌଯାତ୍ରାର ଅନ୍ତିମ ଦିବସରେ କାକଟପୁର କଲେଜ ବ୍ରିଜ୍ ନିକଟରେ ଅବସରପ୍ରାପ୍ତ ଶିକ୍ଷକ ନେତା ରମେଶଚନ୍ଦ୍ର ବିଶାଳଙ୍କ ନେତୃତ୍ୱରେ ଶିକ୍ଷାବିତ୍ କୈଳାସ ଦାଶ, ପଣ୍ଡିତ ତ୍ରିଲୋଚନ ମିଶ୍ର, ଜ୍ଞାନରଞ୍ଜନ ସାହୁ, କାକଟପୁର ସରପଞ୍ଚ ସୌଦାମିନୀ ବରାଳଙ୍କ ସମେତ ଛାତ୍ରୀଛାତ୍ର ଓ ସ୍ଥାନୀୟ ଅଧିବାସୀମାନେ ଯୋଗଦେଇ ଯାତ୍ରୀମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ଉତ୍ସାହିତ କରିଥିଲେ। କାକଟପୁରଠାରୁ କେଲୁଣୀ ମୁହାଣ ମଧ୍ୟରେ ବିଭିନ୍ନ ସ୍ଥାନରେ ଗ୍ରାମବାସୀଙ୍କ ଦ୍ୱାରା ନୌଯାତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।



କାକଟପୁର ସ୍ଥିତ କେଲୁଣି ମୁହାଣରେ ଥିବା ନୌଯାତ୍ରୀମାନେ ।

# ଲୁଣାନଦୀ ଖନନ ସ୍ଥଳ ବୁଲିଲେ ଆଞ୍ଚଳିକ କମିଟି ସଦସ୍ୟ

ଡେଲାଙ୍ଗ,୧୯।୧୦(ଡି.ଏନ୍.ଏ.):

ଡେଲାଙ୍ଗସ୍ଥିତ ଲୁଣାନଦୀ ଖନନସ୍ଥଳକୁ ମଙ୍ଗଳବାର ନୀଳାଚଳ କୃଷକ ମହାସଂଘର ଚାଷୀମାନଙ୍କୁ ନେଇ ଏକ ଆଞ୍ଚଳିକ ତଦାରଖ କମିଟି ସଦସ୍ୟଙ୍କ ସହିତ ଖନନ କରୁଥିବା ଓସିସିର ପରିଚାଳକ ଘଟଣାସ୍ଥଳକୁ ଯାଇ ତଦାରଖ କରିଛନ୍ତି। ୨ମିଟର ଗଭୀର ଖନନ କରାଯିବା ପାଇଁ ମହାସଂଘ ଦାବି କରାଯାଇଥିଲା। ଠିକାଦାର ଏହାକୁ ନ ମାନିବାରୁ ୩ମାସ ଧରି ଖନନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଏନେଇ ଓସିସି ପରିଚାଳକ ଚିତ୍ତରଞ୍ଜନ ମହାପାତ୍ର, ସୁପର ଭାଇଜର ବିଶ୍ୱଭାନୁ ସାମଲ ନାଗଣରେ ନଦୀଶଯ୍ୟା ଖନନ ସ୍ଥଳକୁ ଯାଇ ଖନନର ଗଭୀରତା ମାପ କରାଯାଇଥିଲା । ୨ମିଟର ଗଭୀରତା ଖନନ ହୋଇଥିବା ଜଣାପଡିଥିଲା। ସେଠାରୁ ୨କି.ମି ଜଙ୍ଗାରଠାରେ ଆଉ ଏକ ଖନନ ସ୍ଥଳ କରାଯାଇଥିଲା। ଖନନ କାର୍ଯ୍ୟର ସମ୍ବଳିତ ତାଲିକା ୩ଦିନ ମଧ୍ୟରେ କମିଟିକୁ ହସ୍ତାନ୍ତର କରାଯିବା ପାଇଁ ପ୍ରତିଶ୍ରୁତି ଦେବା ସହ ପରିକଳ୍ପନା ଫଳକ ଲଗାଇବା ପାଇଁ କହିଥିଲେ। ଏହି କମିଟି ସଦସ୍ୟମାନେ ହେଲେ କେଦାରନାଥ ପରିଡା, ଶରତ ସ୍ୱାଇଁ, ଦୁଃଶାସନ ସ୍ୱାଇଁ, ପ୍ରକାଶଚନ୍ଦ୍ର ନାୟକ, ଉପେନ୍ଦ୍ର ପ୍ରଧାନ, ଗୁଣନିଧି ସ୍ୱାଇଁ, ସର୍ବେଶ୍ୱର ନାୟକ, ଉଲ୍ଲାସ ନାୟକ, ଦେବେନ୍ଦ୍ର ପ୍ରଧାନ। ଉଲ୍ଲେଖଥାଉକି, ନାଗଣଠାରୁ ମୁନିନ୍ଦା ପର୍ଯନ୍ତ ୧୧କି.ମି ନଦୀ ଶଯ୍ୟା ଖନନ ପାଇଁ ଟଙ୍କା ମଞ୍ଜୁର ହୋଇଛି।



ଲୁଣାନଦୀ ଖନନ ସ୍ଥଳ ଦେଖିବାକୁ ଆସିଥିବା ଅଧିକାରୀମାନେ ।

# ଅଭିଯୁକ୍ତଙ୍କୁ ଧରୁନି ପୋଲିସ

## ସମିତିସଭ୍ୟଙ୍କ ଟଙ୍କା ଲୁଟ୍ ଉଦ୍ୟମ ଘଟଣା

ଗୋପ,୧୯।୧୦(ଡି.ଏନ୍.ଏ.):

ଗୋପ ବ୍ଲକ ସମ୍ମୁଖରେ ବେଦପୁର ପଞ୍ଚାୟତ ସମିତିସଭ୍ୟ ଦିଲୀପ ସାହୁଙ୍କୁ ତାଙ୍କ ଭାଇଙ୍କ ସହିତ ୨/୩ ଜଣ ଯୁବକ ଟଙ୍କା ଲୁଟ୍ ସହ ହତ୍ୟା ଉଦ୍ୟମ କରିଥିବା ଗୋପ ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ୫ ଦିନ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ପୋଲିସ ଅଭିଯୁକ୍ତମାନଙ୍କୁ ଧରୁ ନ ଥିବା ସମିତିସଭ୍ୟଙ୍କ ସ୍ତ୍ରୀ ଅଭିଯୋଗ କରିଛନ୍ତି। ଗତ ୧୩ ତାରିଖ ଦିଲୀପ ଏକ ବାଇକ୍‌ରେ ଆସି ବ୍ଲକ ସମ୍ମୁଖରେ ଠିଆ ହୋଇଥିଲେ। ଏହି ସମୟରେ ହଠାତ ତାଙ୍କ ଭାଇ ସହିତ ୨/୩ଜଣ ଯୁବକ ପହଞ୍ଚି କୌଣସି କାରଣକୁ ନେଇ ମରଣାନ୍ତକ ଆକ୍ରମଣ କରିଥିଲେ। ଏପରିକି ତାଙ୍କ ପକେଟରେ ଥିବା ୬୦ ହଜାର ଟଙ୍କା ଛଡ଼ାଇ ନେଇଥିଲେ। ଏହାଦେଖି ସ୍ଥାନୀୟ ଲୋକେ ଓ କେତେଜଣ ଯୁବକ ଆସିବାରେ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଖସିଯାଇଥିଲେ। ଖବରପାଇ ସମିତିସଭ୍ୟଙ୍କ ସ୍ତ୍ରୀ ରଶ୍ମିତା ଘଟଣାସ୍ଥଳରେ ପହଞ୍ଚି ସ୍ୱାମୀଙ୍କୁ ନେଇ ଚିକିତ୍ସା କରାଇବା ପରେ ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକ୍ରମେ ପୋଲିସ ନଂ. ୪୯୨/୨୧ ରେ ମାମଲା ରୁଜୁ କରିଛି। ଅନ୍ୟପଟେ ବଡ଼ ଭାଇ ମୋବାଇଲ ଚୋରି କରି ନେଇଥିବା ସମିତିସଭ୍ୟଙ୍କ ଭାଇ ଏକ ପାଲଟା ଅଭିଯୋଗ କରିଛନ୍ତି। ଏହାକୁ ମଧ୍ୟ ନଂ.୪୯୦/୨୧ରେ ମାମଲା ରୁଜୁ କରିଛି। ତେବେ ପୋଲିସ ଅଭିଯୋଗ ସମ୍ପର୍କରେ ତଦନ୍ତ ନ କରି ତରବରିଆ ଭାବେ ସ୍ୱାମୀଙ୍କ ନାମରେ ମାମଲା ରୁଜୁ କରିଥିବା ସମୟରେ ଅଭିଯୁକ୍ତଙ୍କୁ ଜାଣିଶୁଣି ପୋଲିସ ଗିରଫ କରୁନାହିଁ ବୋଲି ସମିତିସଭ୍ୟଙ୍କ ସ୍ତ୍ରୀ ଅଭିଯୋଗ କରଥିବାବେଳେ ଏ ବିଷୟରେ ଏସପିଙ୍କୁ ମଧ୍ୟ ଅଭିଯୋଗ କରିବି ବୋଲି ସେ କହିଛନ୍ତି। ଏ ନେଇ ଗୋପ ଥାନା ଅଧିକାରୀ କାଳନ୍ଦୀ ବେହେରା କହିଛନ୍ତି, ୨ ଅଭିଯୋଗକୁ ନେଇ ତଦନ୍ତ ଚାଲୁଥିବାବେଳେ ଖୁବଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଟିକି



@ ପ୍ରମୋଦ



@ ଗାୟତ୍ରୀ



@ ସୂର୍ଯ୍ୟକାନ୍ତ



@ ଅନନ୍ୟା

# ସ୍ୱଚ୍ଛତା ଲାଗି ଛାତ୍ରୀଛାତ୍ର ଆଗେଇ ଆସିବା ଜରୁରୀ

ଗୋପ,୧୯।୧୦(ଡି.ଏନ୍.ଏ.):

ଆଜିର ଯୁବଗୋଷ୍ଠୀ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେବାର ସମୟ ଆସିଥିବା ବେଳେ ସ୍ୱେଚ୍ଛାକୃତ ଭାବରେ ଆଗେଇ ଆସିବା ଜରୁରୀ ହୋଇପଡ଼ିଛି ବୋଲି ଜାତୀୟ ସେବା ଯୋଜନା ପ୍ରଶିକ୍ଷକ ନୀରଦ ଚରଣ ଖୁଣ୍ଟିଆ କହିଛନ୍ତି। ଗୋପ ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ଆୟୋଜିତ ଜାତୀୟ ସେବା ଯୋଜନାର ଉଦ୍‌ଯାପିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ସେ ଏହା କହିଥିଲେ। କଲେଜର ଅଧ୍ୟକ୍ଷା ପ୍ରିୟମ୍ବଦା ପଣ୍ଡାଙ୍କ ଅଧ୍ୟକ୍ଷତାରେ ପୂର୍ବତନ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ଖଟୋଇ ଯୋଗଦେଇ ସ୍ୱଚ୍ଛତା, ଜାତୀୟତା, ଏକତା, ରକ୍ତଦାନ ଓ ସ୍ୱେଚ୍ଛାକୃତ ସେବା ଲାଗି ଛାତ୍ରୀଛାତ୍ର ଆଗେଇ ଆସିବା ଜରୁରୀ ବୋଲି କହିଥିଲେ। ଗତ ୧୩ ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି ସେବାରେ ଯୋଗଦେଇଥିବା ଛାତ୍ରଛାତ୍ରୀ ସ୍ୱଚ୍ଛତାନେଇ ତାଲିମ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଶୈଳେନ୍ଦ୍ର ରଥ, ପ୍ରତିମା ଦେଇ, ପ୍ରକାଶିନି ଦାସ, ମଞ୍ଜରି ବଡ଼ଜେନା,ତାପଶ ରଞ୍ଜନ ପାତ୍ର ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରଶାନ୍ତ ସେନାପତି, ଶାଶ୍ୱତ ରଞ୍ଜନ ପ୍ରଧାନ, ରମେଶ ଚନ୍ଦ୍ର ବେହେରା ପ୍ରମୁଖ ପରିଚାଳନା କରିଥିଲେ ।



ପୁରୀସ୍ଥିତ ବଳଗଣ୍ଡିର ଯୁବକସଂଘ ପକ୍ଷରୁ ମଙ୍ଗଳବାର ହୋଇଥିବା ମା'ଗଜଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି ।



ପୁରୀର ଦର୍ଜୀ ପୋଖରୀଛକ ସ୍ଥିତ ଯୁବକସଂଘ ପକ୍ଷରୁ ମା' ଗଜଲକ୍ଷ୍ମୀଙ୍କ ପୂଜା ।



ଡେଲାଙ୍ଗ ଅଞ୍ଚଳରେ ହୋଇଥିବା ମା'ଗଜଲକ୍ଷ୍ମୀଙ୍କ ପୂଜା ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୦ ଅକ୍ଟୋବର, ୨୦୨୧

## ସତ୍ୟବାଦୀ ସେବା ଟ୍ରଷ୍ଟର ଆଲୋଚନାଚକ୍ର

ସାକ୍ଷୀଗୋପାଳ,(ସ୍ୱ.ପ୍ର.): ସାକ୍ଷୀଗୋପାଳର ଅବହେଳିତ ଲୋକଙ୍କୁ ସମାଜରେ ମୁଖ୍ୟ ସ୍ରୋତରେ ସାମିଲ କରିବା ସହ ସେମାନଙ୍କର ସର୍ବାଙ୍ଗୀନ ଉନ୍ନତି କରିବା ପାଇଁ ସତ୍ୟବାଦୀ ସେବା ଟ୍ରଷ୍ଟ ତରଫରୁ ଏକ ଆଲୋଚନାଚକ୍ର ସେବା ଟ୍ରଷ୍ଟ ସଭା ଗୃହରେ ଅନୁଷ୍ଠିତ ହୋଇଛି। ଏଥିରେ ଟ୍ରଷ୍ଟର ଚେୟାରମାନ ରାମଶଙ୍କର ନନ୍ଦ, ଅନୁଷ୍ଠାନ ଉପଦେଷ୍ଟା ଶିକ୍ଷକ ସତ୍ୟବାଦୀ ଦାସ, ଟ୍ରଷ୍ଟ ସଭାପତି ସୁଦର୍ଶନ ପ୍ରଧାନ ପ୍ରମୁଖ ଯୋଗଦେଇ ଅବହେଳିତ ଅବସ୍ଥାରେ ବ୍ୟକ୍ତିଙ୍କୁ ଉପଯୁକ୍ତ ଶିକ୍ଷା ଓ ଉତ୍ତମ ସ୍ୱାସ୍ଥ୍ୟ ଯୋଗାଇ ଦେବା ପାଇଁ ନିଷ୍ପତ୍ତି ନେଇଥିଲେ। ସମ୍ପାଦକ ସୁଶାନ୍ତ ରଥ ଉପସଭାପତି ରିତା ତ୍ରିପାଠୀ, କୋଷାଧ୍ୟକ୍ଷ ଉପେନ୍ଦ୍ର ବିଶ୍ୱାଳ, ସଭ୍ୟ ପ୍ରଶାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



# ପରିବା ଦରକୁ ନେଇ ବ୍ୟବସାୟୀଠାରୁ ଗ୍ରାହକ ପ୍ରଭାବିତ

ପୁରୀ ଅଫିସ,୧୯।୧୦

**ଦିନକୁ ଦିନ ଆକାଶଛୁଆଁ ହେବାରେ ଲାଗିଛି ପରିବା ଦର। ଏଥିଯୋଗୁ ଗ୍ରାହକ ଓ ବ୍ୟବସାୟୀ ଚିନ୍ତାରେ ପଡିଛନ୍ତି। କାର୍ତ୍ତିକ ମାସ ଆରମ୍ଭରୁ ଅଧିକାଂଶ ପରିବା ମୂଲ୍ୟ ୫୦ ଟଙ୍କା ଉପରକୁ ରହିଛି। ପ୍ରାକୃତିକ ବିପର୍ଯ୍ୟୟ, ଚାଷରେ ଅନିୟମିତତା, ପର୍ଯ୍ୟାପ୍ତ ପରିମାଣର ପରିବା ବାହାରୁ ନ ଆସିବା ଏବଂ ତୈଳ ଦର ବୃଦ୍ଧି ଏସବୁର ମୁଖ୍ୟ କାରଣ ବୋଲି କୁହାଯାଉଛି। ପରିବା ଦର ବୃଦ୍ଧିକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା।**



ପୁରୀ ବଡଶଙ୍ଖଠାରେ ଥିବା ଏକ ପରିବା ଦୋକାନ ।

### ମାର୍କେଟରେ ପରିବା ଉପଲବ୍ଧ ନ ଥିବାରୁ ଦର ବଢୁଛି



ଦୀର୍ଘବର୍ଷ ହେବ ବଡ଼ଶଙ୍ଖରେ ପରିବା ବ୍ୟବସାୟ କରୁଛି। ମୁଖ୍ୟତଃ ମାର୍କେଟ୍‌ରେ ଯେଉଁ ପରିମାଣରେ ପରିବା ଉପଲବ୍ଧ ହେବା କଥା ସେ ପରିମାଣରେ ନ ରହିବା, ଗୋଦାମଗୁଡ଼ିକରେ ପରିବାର ଅଧିକ ରହୁଥିବାରୁ ବାଧହୋଇ ଅଧିକ ମୂଲ୍ୟରେ ବିକ୍ରି ହେଉଛି। ସୋମବାର ଆଳୁ ୧୪ ଟଙ୍କା ଥିବାବେଳେ ମଙ୍ଗଳବାର ୧୫ ଟଙ୍କା, ପିଆଜ ୪୫ ଥିବାବେଳେ ଏବେ ୫୦ ଟଙ୍କାରେ ପହଞ୍ଚିଛି।

**-ଭୀମସେନ ସାହୁ, ବ୍ୟବସାୟୀ**

### ପ୍ରଶାସନ ପକ୍ଷରୁ କଟକଣା ଲାଗୁ ହେଉ



ପରିବା କାହିଁକି ତେଲଠାରୁ ଆରମ୍ଭ କରି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟ ହୁହୁ ହୋଇ ବଢିବାରେ ଲାଗିଛି। ଯାହା ସିଧାସଳଖ ଖାଉଟିଙ୍କ ପକେଟ ଉପରେ ପ୍ରଭାବ ପକାଉଛି। ଯେଉଁ ସ୍ଥାନରେ ୧୦୦ ଟଙ୍କାରେ ପରିବା ବ୍ୟାଗ ପୂର୍ଣ୍ଣ ହେଉଥିଲା, ଏବେ ୫୦୦ ଟଙ୍କାରେ ମଧ ପୂର୍ଣ୍ଣ ହେଉନି। ୧ କିଲୋ ଜାଗାରେ ୨୫୦ ଗ୍ରାମ ପରିବା ନେବାକୁ ପଡୁଛି। ପରିବା ମୂଲ୍ୟ ଉପରେ ପ୍ରଶାସନ ପକ୍ଷରୁ କଟକଣା ଲାଗୁ କରାଗଲେ ଭଲ ହେବ।

**-ଅନାଥ ସାହୁ, ଗ୍ରାହକ**

### ବଜେଟକୁ ନେଇ କିଣିବାକୁ ପଡୁଛି



ପରିବା ମୂଲ୍ୟ ବୃଦ୍ଧି କାରଣରୁ ଘର ଚଳେଇବା କଷ୍ଟସାଧ ହୋଇପଡୁଛି। କରୋନା ଆର୍ଥିକସ୍ଥିତି ଉପରେ ପ୍ରଭାବ ପକାଇଥିବା ବେଳେ ଏବେ ହୁହୁ ହୋଇ ବଢୁଥିବା ପରିବା ଦର ବୋଝ ଉପରେ ନଳିତାବିଡା ସଦୃଶ ହୋଇଛି। ବଜେଟକୁ ନେଇ କମ ପରିମାଣର ପରିବା କିଣିବାକୁ ବାଧ ହେଉଥିବା କହିଛନ୍ତି।

**-ରଶ୍ମି ଘଟୁଆରୀ, ଗୃହିଣୀ**

### ସରକାର ଧ୍ୟାନ ନ ଦେଲେ ଜନଆକ୍ରୋଶର ଶିକାର ହେବେ



ପରିବା ଦର ବୃଦ୍ଧି ପାଇବା ପଛରେ ସରକାର ଦାୟୀ। ପରିବା ସହ ତୈଳ ଏବଂ ଦୈନନ୍ଦିନ ବ୍ୟବହାର୍ଯ୍ୟ ସାମଗ୍ରୀ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଗ୍ରାହକ ହନ୍ତସନ୍ତ ହେଉଛନ୍ତି। ଲୋକମାନେ ଏବେ ସାଧାରଣ ପଖାଳ ସାଙ୍ଗକୁ ପିଆଜ ମଧ ଖାଇପାରୁ ନାହାନ୍ତି। ପରିବା ମୂଲ୍ୟ ସହ ଅନ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧିକୁ ନେଇ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି। ସରକାର ଯଦି ପରିବା ଦର ଉପରେ ଲଗାମ ନ କଷନ୍ତି ଓ ଏଥିପ୍ରତି ଧ୍ୟାନ ନ ଦିଅନ୍ତି ତେବେ ଆଗାମୀ ଦିନରେ ଜନଆକ୍ରୋଶର ଶିକାର ହେବେ।

**-ଶ୍ରୀକାନ୍ତ ପରିଜା, ବାମପନ୍ଥୀ ନେତା**

## ସଂକ୍ଷେପରେ

### ଗଡ଼ିଶାଗୋଦାରେ ପାନୀୟ ଜଳ ସମସ୍ୟା

କଣାସ,୧୯।୧୦(ସ୍ୱ.ପ୍ର.): କଣାସ ବ୍ଲକର ଗଡ଼ିଶାଗୋଦା ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଦେଖାଯାଉଥିବା ଅଭିଯୋଗ ହୋଇଛି। ବର୍ଷସାରା ପାନୀୟଜଳ ସମସ୍ୟା ଲାଗିରହୁଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପାନୀୟ ଜଳ ଯୋଗାଇବା ପାଇଁ କେତୋଟି ହାତଗଣତି ପାଇପଜଳ ପ୍ରକଳ୍ପ ବସିଥିଲେ ମଧ ନଦୀର ଜଳ ବିଷାକ୍ତ ହୋଇପଡିଥିବାରୁ ତାହା ପିଇବା ପାଇଁ ଅନୁପଯୁକ୍ତ। ଏପରିକି ଗଡ଼ିଶାଗୋଦା ଥାନାକୁ ମଧ ପାନୀୟ ଜଳ ବ୍ୟବସ୍ଥା ଥିଲେ ମଧ ପାଣି ନ ଆସିବାରୁ ୨୦ଜଣ କର୍ମଚାରୀ ଓ ଅଞ୍ଚଳରେ ମଧ ପାନୀୟ ଜଳ ବ୍ୟବସ୍ଥା ନ ଥିବାରୁ ଲୋକେ ନାନା ହଇରାଣ ହେଉଛନ୍ତି। ଗଡିଶାଗୋଦାରେ ପାନୀୟଜଳ ଯୋଗାଇବା ପାଇଁ ଏକ ପାଇପଜଳ ପ୍ରକଳ୍ପ ନିର୍ମାଣ କରାଯାଇଛି। ଯେଉଁନଦୀରେ ପାଇପଜଳ ପ୍ରକଳ୍ପ ବସିଛି ସେହି ନଦୀର ଜଳ ଦୂଷିତ ହୋଇପଡିଥିବାରୁ ସେହି ପାଣି ନିତ୍ୟ ବ୍ୟବହାର ହୋଇପାରୁ ନାହିଁ। ନିକଟରେ ଏସ୍‌ପି ଗଡିଶାଗୋଦା ଥାନାକୁ ପରିଦର୍ଶନରେ ଆସିବା ସମୟରେ ଥାନାଧିକାରୀ ନାରାୟଣ ଚନ୍ଦ୍ର ଲେଙ୍କା ଗୋଟିଏ ନଳକୂପ ଥାନା ପରିସରରେ ବସାଇବା ପାଇଁ ନିବେଦନ କରିଥିଲେ। ଏଥିସହ ଅଞ୍ଚଳରେ ଏକାଧିକ ନଳକୂପ ବସାଇବା ଲାଗି ଅଞ୍ଚଳବାସୀ ଦାବି କରୁଛନ୍ତି।

### ପଞ୍ଚାୟତରେ କମ୍ପ୍ୟୁଟରୀକରଣ ଫେଲ୍

କାକଟପୁର,୧୯।୧୦(ଡି.ଏନ୍.ଏ.): ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ପଞ୍ଚାୟତକୁ କମ୍ପ୍ୟୁଟରୀକରଣ କରାଯାଇଛି। ସାଧାରଣ ଜନତାଙ୍କୁ ସହଜରେ ସରକାରଙ୍କ ବିଭିନ୍ନ ଜନହିତକର ସେବା ଯୋଗାଇ ଦେବା ଏହି ଯୋଜନାର ଲକ୍ଷ୍ୟ। କିନ୍ତୁ କାକଟପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ଏହି ଯୋଜନା ଲୋକଙ୍କ କାମରେ ଆସୁ ନ ଥିବା ଅଭିଯୋଗ ହୋଇଛି। ୨୦୧୦ରେ କାକଟପୁର ବ୍ଲକର ୧୪ଟି ପଞ୍ଚାୟତ ଓ ପରେ ଅନ୍ୟ ୨ଟି ପଞ୍ଚାୟତକୁ କମ୍ପ୍ୟୁଟର ଇଣ୍ଟରନେଟ ସଂଯୋଗ ଦିଆଯାଇଥିଲା। ମାତ୍ର ଅଧିକାଂଶ ପଞ୍ଚାୟତ ଅଫିସ ଓ କମ୍ପ୍ୟୁଟର ରୁମରେ ତାଲା ଝୁଲୁଥିବାରୁ ଲୋକମାନେ ବାଧ ହୋଇ ଜନସେବା କେନ୍ଦ୍ରର ସାହାରା ନେଉଛନ୍ତି। ଅନ୍ୟପକ୍ଷରେ କମ୍ପ୍ୟୁଟର ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ବାର୍ଷିକ ପଞ୍ଚାୟତ ପାଣ୍ଠିରୁ ହଜାର ହଜାର ଟଙ୍କା ଫଲସ ଭାଉଚର କରାଯାଉଥିବା ଅଭିଯୋଗ ହେଉଛି। କମ୍ପ୍ୟୁଟର ରକ୍ଷଣାବେକ୍ଷଣ ଲାଗି କୌଣସି ଅଭିଜ୍ଞ ବ୍ୟକ୍ତିଙ୍କୁ ବ୍ଲକ ସ୍ତରରେ ନିଯୁକ୍ତି ଦିଆଯାଇ ନ ଥିବାରୁ ଅଧିକାଂଶ ସମୟରେ କମ୍ପ୍ୟୁଟର ଅଚଳ ହୋଇପଡିଛି। ଏ ସମ୍ପର୍କରେ ବିଡିଓ ତୁଷାର ଜ୍ୟୋତିରଞ୍ଜନଙ୍କୁ ପଚାରିବାରୁ ପଞ୍ଚାୟତରେ କମ୍ପ୍ୟୁଟର ଲାଗିଥିବା କଥା ଜାଣିନାହିଁ ବୋଲି କହିଥିଲେ। ତଥାପି ଏଥିପ୍ରତି ଦୃଷ୍ଟି ଦେବି ବୋଲି କହିଥିଲେ। ପଞ୍ଚାୟତରେ କମ୍ପ୍ୟୁଟର ଲାଗିଛି ଅଥଚ ବିଡିଓ ଜାଣିପାରୁ ନାହାନ୍ତି। ତେଣୁ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦିଅନ୍ତୁ ବୋଲି ବ୍ଲକବାସୀ ଦାବି କରିଛନ୍ତି।

### ସାମାଜିକ କର୍ମୀ ଅରୁଣଙ୍କ ପରଲୋକ

କଣାସ,୧୯।୧୦(ସ୍ୱ.ପ୍ର.): କଣାସ ବ୍ଲକ ଅନ୍ତର୍ଗତ ଦୋକନ୍ଦା ଗ୍ରାମର ସାମାଜିକ କର୍ମୀ ଅରୁଣ କୁମାର ବଳିୟାରସିଂହ(୫୧)ଙ୍କ ମଙ୍ଗଳବାର ମୃତ୍ୟୁ ହୋଇଛି। ସେ କିଛିଦିନ ହେଲା କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଘରେ ରହି ଚିକିତ୍ସିତ ହେଉଥିଲେ। ହଠାତ୍ ସୋମବାର ରାତିରେ ଅସୁସ୍ଥ ହୋଇ ପଡିବାରୁ ତାଙ୍କୁ ଭୁବନେଶ୍ୱର ଡାକ୍ତରଖାନାକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତଦେହ ଖବର ପ୍ରଚାର ହେବାରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ପରେ ତାଙ୍କ ମୃତଦେହକୁ ଗ୍ରାମକୁ ଅଣାଯାଇ ଗ୍ରାମ ଶ୍ମଶାନରେ ଦାହ କରାଯାଇଥିଲା। ମୃତଦେହ ସତ୍କାର ସମୟରେ ସତ୍ୟବାଦୀର ପୂର୍ବତନ ବିଧାୟକ ରମାରଞ୍ଜନ ବଳିୟାରସିଂହ, ସାମାଜିକ କର୍ମୀ ସୁବର୍ଣ୍ଣକେଶରୀ ବଳିୟାରସିଂହ, ଗୋଲାବଜାର ବ୍ୟବସାୟୀ ସଂଘ ସଭାପତି ସଞ୍ଜୟ କୁମାର ଛୁଆଲସିଂହ ପ୍ରମୁଖ ଶ୍ମଶାନ ନିକଟରେ ଉପସ୍ଥିତ ଥିଲେ।

### ବିଜେଡିରେ ୨୦ ପରିବାର ସାମିଲ

ଗୋପ,୧୯।୧୦(ଡି.ଏନ୍.ଏ.):ଗ୍ରାମାଞ୍ଚଳରେ ସାଧାରଣ ଲୋକଙ୍କ ସହିତ ବିଜେଡିର ଲୋକ ପ୍ରତିନିଧିମାନେ ରହିବା ସହ ଗଣଶିକ୍ଷା ମନ୍ତ୍ରୀ ତଥା ବିଧାୟକ ସମୀର ରଞ୍ଜନ ଦାଶ ସୁଖ ଦୁଃଖରେ ରହିଛନ୍ତି। ଏଥିସହିତ ଗାଁର ବିକାଶ କ୍ଷେତ୍ରରେ ମଧ ବିଜେଡି ଖୁବ ଆଗରେ ଥିବାରୁ ଆମେମାନେ ସେଥିପାଇଁ ଭାଜପା ଦଳ ପରିତ୍ୟାଗ କରି ନବୀନ ସରକାରଙ୍କ ଦଳରେ ଯୋଗଦେଇଛୁ ବୋଲି ସୋମବାର ଗୋପ ବ୍ଲକ ଅନ୍ତର୍ଗତ ବଡତରାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ୨୦ ପରିବାରର ସଦସ୍ୟମାନେ କହିଛନ୍ତି। ଏହି ମିଶ୍ରଣ ପର୍ବ ମନ୍ତ୍ରୀ ଦାଶଙ୍କ ସଭାପତିତ୍ୱରେ ହୋଇଥିବାବେଳେ ଯୁବ ନେତା ପୂର୍ଣ୍ଣେଶ କୁମାର ସେନାପତି, ପ୍ରକାଶ ପ୍ରଧାନ, ଶୁଭେନ୍ଦୁ ପାତ୍ର ପ୍ରମୁଖ ଯୋଗଦେଇ ନୂତନ ଭାବେ ଯୋଗଦେଇଥିବା କର୍ମୀମାନଙ୍କୁ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ସ୍ମାର୍ଟ ବିଦ୍ୟାଳୟ କାର୍ଯ୍ୟ ଦେଖିଲେ ବିଧାୟକ

ଡେଲାଙ୍ଗ,୧୯।୧୦(ଡି.ଏନ୍.ଏ.): ବିଧାୟକ ରୁଦ୍ରପ୍ରତାପ ମହାରଥୀ ମଙ୍ଗଳବାର ଡେଲାଙ୍ଗ ବ୍ଲକର ୪ଟି ସ୍ମାର୍ଟ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟକୁ ବୁଲି ଦେଖିଛନ୍ତି। ବିଧାୟକଙ୍କ ସହିତ ବିଡିଓ ଦିଲୀପ ଷଡଙ୍ଗୀ ଡେଲାଙ୍ଗ ଷ୍ଟେଶନ ବଜାର ସନ୍ନିକଟ ରାଧାକାନ୍ତ ବିଦ୍ୟାପୀଠରେ ଅଚାନକ ପହଞ୍ଚି ନିର୍ମାଣ କାର୍ଯ୍ୟ ପରଖିଥିଲେ। କମ୍ପ୍ୟୁଟର ରୁମ ଓ ଶ୍ରେଣୀ ଗୃହଗୁଡିକୁ ବୁଲିବା ସହିତ ରୂପାନ୍ତରୀକରଣ ହୋଇଥିବା କାର୍ଯ୍ୟରେ ତ୍ୱରାନ୍ୱିତ କରିବା ଓ ସମୟସୀମା ମଧ୍ୟରେ ସାରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଜୟ ଭୋଇ, ସହକାରୀ ଶିକ୍ଷକ ଶ୍ରୀଧର ପ୍ରଧାନ ପ୍ରମୁଖ ବିଧାୟକଙ୍କୁ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ସେହିପରି ହରିରାଜପୁରର ସୋମନାଥ ଉଚ୍ଚ ବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟ ବେରବୋଇ, ମହତାବ ଉଚ୍ଚ ବିଦ୍ୟାଳୟ ଡେଲାଙ୍ଗ ହାଟ ବଜାର ପ୍ରମୁଖ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ ସାହୁ, କନିଷ୍ଠ ଯନ୍ତ୍ରୀ ଜଗନ୍ନାଥ ରାଉତ, ଚିତ୍ରୋତ୍ପଳା ନାୟକ, ଜିଲା ପରିଷଦ ସଭ୍ୟ ଦେବାଶିଷ ନନ୍ଦ, ଲୋକନାଥ ବେହେରା, ସମିତିସଭ୍ୟ ବାସୁଦେବ ଜେନା, ଅଭିମନ୍ୟୁ ରାଉତ, ବେରବୋଇ ସରପଞ୍ଚ ଜ୍ୟୋତିର୍ମୟୀ ସ୍ୱାଇଁ, କୈଳାସ ଚନ୍ଦ୍ର ସ୍ୱାଇଁ, କ୍ରୀଡା ଶିକ୍ଷକ ନଟବର ସେଠୀ, ସଞ୍ଜୟ ରାଉତରାୟ ପ୍ରମୁଖ ସାମିଲ ଥିଲେ।



ବିଧାୟକ ରୁଦ୍ର ପ୍ରତାପ ମହାରଥୀ ଓ ଅନ୍ୟ ଅଧିକାରୀମାନେ ନିର୍ମାଣ କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି ।

## ପିପିଲି-ଡେଲାଙ୍ଗକୁ ନିଶାମୁକ୍ତ ଅଞ୍ଚଳ ଦାବି

ପିପିଲି,୧୯।୧୦(ଡି.ଏନ୍.ଏ./ସ୍ୱ.ପ୍ର.): ପିପିଲିକୁ ସମୃଦ୍ଧ ଓ ବିକଶିତ କରିବା ଉଦ୍ଦେଶ୍ୟରେ ପିପିଲି ମଙ୍ଗଳପୁର ନିକଟ ଏକ ହୋଟେଲରେ ବନ୍ଧୁ ମିଳନ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି । ସାମାଜିକ କର୍ମୀ ସନ୍ତୋଷ ମିଶ୍ରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ବିଧାୟକ ରୁଦ୍ରପ୍ରତାପ ମହାରଥୀ, ସମ୍ମାନିତ ଅତିଥି ଉତ୍କଳ ସମ୍ମିଳନୀର ସଭାପତି ଅଦ୍ୱୈତ ପାତ୍ର, ଗୀତିକାର କୃଷ୍ଣପ୍ରିୟା ମିଶ୍ର, କବିତା ପରିଡା ପ୍ରମୁଖ ଯୋଗଦେଇଥିଲେ। ସଭାରେ ପିପିଲି-ଡେଲାଙ୍ଗକୁ ନିଶାମୁକ୍ତ ଅଞ୍ଚଳ ପାଇଁ ଦାବି ଉଠିଥିବା ବେଳେ ଏଥିପାଇଁ ଆବଶ୍ୟକ ପଦକ୍ଷେପ ନେବେ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ପିପିଲି ଅଞ୍ଚଳର ବିଜୟ ବେହେରା, ଲକ୍ଷ୍ମଣ ବଡ଼ିଆ, ପ୍ରଭାତ ମହାପାତ୍ର, ସୁରେଶ ରଥ, ପପୁ ଦଳବେହେରା, ନିରୁପମା ପାତ୍ର, ସୁଦେଷ୍ଣା ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ କିଶୋର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ୪ଲକ୍ଷ ଟଙ୍କା, ସୁନା ଅଳଙ୍କାର ଚୋରି

ନିମାପଡ଼ା,୧୯।୧୦(ଡି.ଏନ୍.ଏ.): ନିମାପଡ଼ା ଥାନା ଅନ୍ତର୍ଗତ ଅମଲାପଡ଼ା ସାହିରେ ରହୁଥିବା ଅଭୟ କୁମାର ସ୍ୱାଇଁଙ୍କ ଘରୁ କବାଟ ତାଡ଼ି ଦୁର୍ବୃତ୍ତମାନେ ଘରେ ଥିବା ନଗଦ ୪ ଲକ୍ଷ ଟଙ୍କା, ୩ହଳ ସୁନା କାନଫୁଲ, ଗୋଟିଏ ସୁନାଚେନ, ୪ଟି ସୁନା ମୁଦି, ୨ଟି ସୁନା ଲକେଟ, ରୁପା ପାଉଁଜି ଆଦି ପ୍ରାୟ ୨ଲକ୍ଷ ୫୦ହଜାର ଟଙ୍କାର ସୁନାଅଳଙ୍କାର ଚୋରି କରି ନେଇଥିବା ସୋମବାର ରାତିରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୩୭୧/୨୧) ରୁଜୁ କରିଥିବାବେଳେ ମଙ୍ଗଳବାର ପୁରୀରୁ ସାଇଣ୍ଟିଫିକ ଅଫିସର ଏସ୍.ସରନ୍ୟା ଓ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଦଶହରା ଛୁଟିରେ ଅଭୟ ପରିବାର ସହ ନିଜ ଗ୍ରାମ ଏହି ଥାନା ଅଧୀନ ମିଟେଇପୁରକୁ ଯାଇଥିଲେ। ତେବେ ସୋମବାର ସନ୍ଧ୍ୟାରେ ଭଡ଼ା ଘରେ ପହଞ୍ଚିବାବେଳେ କବାଟ, ଝରକା ଖୋଲାଥିବାବେଳେ ଟଙ୍କା, ସୁନା ନ ଥିବା ଦେଖି ଚୋରି ହୋଇଥିବା ଜାଣି ଥାନାର ଦ୍ୱାରସ୍ଥ ହୋଇଥିଲେ ।

## ମୁଖ୍ୟ ଅଭିଯୁକ୍ତ ରାଜୁଆ ଗିରଫ

**ଗୋଷ୍ଠୀ ସଂଘର୍ଷରୁ ହତ୍ୟା ଘଟଣା**

ନିମାପଡ଼ା/ଅସ୍ତରଙ୍ଗ,୧୯।୧୦(ଡି.ଏନ୍.ଏ.): ଅସ୍ତରଙ୍ଗ ଥାନା ପାଟସୁନ୍ଦରପୁର ଗ୍ରାମରେ ଦଶହରା ଦିନ ଏକ ଛେଳିକୁ ଗାଡ଼ି ଧକ୍କା ଦେବାକୁ ନେଇ ଗୋଷ୍ଠୀ ସଂଘର୍ଷ ହୋଇ ଗ୍ରାମର ଅକ୍ଷୟ ଦାସଙ୍କୁ ହତ୍ୟା କରାଯାଇଥିଲା। ଏହି ହତ୍ୟା ଘଟଣାରେ ଫେରାର ଥିବା ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ମଙ୍ଗଳବାର କାକଟପୁର ଅଞ୍ଚଳରୁ ଗିରଫ କରିଛି। ସେ ହେଲେ ପାଟସୁନ୍ଦରପୁର ଗ୍ରାମର ରାଜୁଆ। ପୋଲିସ ତାଙ୍କଠାରୁ ହତ୍ୟାକାଣ୍ଡରେ ବ୍ୟବହୃତ ଭୁଜାଲିକୁ ଜବତ କରିଥିବା ମଙ୍ଗଳବାର ନିମାପଡ଼ା ଏସ୍‌ଡିପିଓ ଦେବାଶିଷ ମିଶ୍ର, ଅସ୍ତରଙ୍ଗ ଥାନା ଆଇଆଇସି ବାମଦେବ ନନ୍ଦ ନିମାପଡ଼ାରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ପୂର୍ବରୁ ଏହି ଘଟଣାରେ ପୋଲିସ ରାଜୁଆଙ୍କ ସମ୍ପର୍କୀୟ ଚକ୍ରଧର ଦାସ ଓ ଅଲିଭା ଦାସଙ୍କୁ ଧରିଥିଲେ। ଏହି ହତ୍ୟାକାଣ୍ଡ ମାମଲାରେ ମୃତ ଅକ୍ଷୟଙ୍କ ପୁଅ ଦୀପକଙ୍କ ଅଭିଯୋଗକ୍ରମେ ପୋଲିସ ୫ଜଣଙ୍କ ନାମରେ ଥାନାରେ ନଂ. ୧୭୭/୨୧ରେ ହତ୍ୟା ମାମଲା ରୁଜୁ କରିଛି। ବର୍ତ୍ତମାନ ସୁଦ୍ଧା ପୋଲିସ ୩ଜଣଙ୍କୁ ଗିରଫ କରିଥିବାବେଳେ ଫେରାର ଥିବା ଅନ୍ୟ ୨ଜଣଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ପୋଲିସ କହିଛି। ସୂଚନାଯୋଗ୍ୟ, ଦଶହରା ଦିନ ଅକ୍ଷୟଙ୍କ ସ୍ତ୍ରୀ କନକ ନଦୀବନ୍ଧରେ ଛେଳି ଚରାଇବାକୁ ନେଉଥିବାବେଳେ ଗ୍ରାମର କାଳିଆ ଦାସ ବାଇକ୍‌ରେ ଧକ୍କା ହୋଇଥିଲା। ଏଥିରୁ ଉଭୟଙ୍କ ମଧ୍ୟରେ ବଚସା ହେବାରୁ କାଳିଆଙ୍କ ସମ୍ପର୍କୀୟ ରାଜୁଆ ସମେତ ୪ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆସି ହାତାହାତି ହୋଇଥିଲେ। ପରେ କନକଙ୍କ ସ୍ୱାମୀ ଅକ୍ଷୟ ଓ ପୁଅ ଦୀପକ ଘଟଣାସ୍ଥଳରେ ପହଞ୍ଚିବାରୁ ଗୋଷ୍ଠୀ ସଂଘର୍ଷ ହୋଇଥିଲା। ରାଜୁଆ ଉତ୍ତ୍ୟକ୍ତ ହୋଇ ଅକ୍ଷୟଙ୍କୁ ଓ ତାଙ୍କ ସ୍ତ୍ରୀଙ୍କୁ ଏକ ଭୁଜାଲିରେ ହାଣି ଫେରାର ହୋଇଯାଇଥିଲେ। ଉଭୟଙ୍କୁ ଡାକ୍ତରଖାନା ନିଆଯାଇଥିବାବେଳେ ଡାକ୍ତର ଅକ୍ଷୟଙ୍କୁ ମୃତ ଘୋଷଣା କରିଥିଲେ।

# ସଙ୍କଟରେ ଚିଲିକାର ଜୈବ ବିବିଧତା

- ଏକାଧିକ ମୁହାଣରେ ମାଡ଼ିଛି ରାଜଦଳ
- ଯାଇପାରୁନି ଡଙ୍ଗା, ଚିନ୍ତାରେ ମତ୍ସ୍ୟଜୀବୀ

ଖୋର୍ଦ୍ଧା ଅଫିସ,୧୯।୧୦

ଏସିଆର ବୃହତ୍ତମ ଲୁଣା ହ୍ରଦ ଚିଲିକା ଏବେ ସଙ୍କଟରେ। ମରାଳ ମାଳିନୀ ନୀଳାମ୍ବୁ ଚିଲିକାର ମୁହାଣ ଦିନକୁ ଦିନ ପୋତି ହେବାରେ ଲାଗିଛି। ପ୍ରାକୃତିକ ବିପର୍ଯ୍ୟୟ ଓ ମନୁଷ୍ୟକୃତ କାରଣରୁ ଏହାର ଜୈବ ବିବିଧତା ନଷ୍ଟ ହେବାକୁ ବସିଛି। ବେଆଇନ ଚିଙ୍ଗୁଡ଼ି ଘେରି ଓ ନଳ ଘାସ ପାଇଁ ଚିଲିକାର ପରିସୀମା ସଙ୍କୁଚିତ ହେବାରେ ଲାଗିଛି। ରାଜଦଳ ଓ ନଳଘାସ ଯୋଗୁ ଡଙ୍ଗା ଯିବାରେ ସମସ୍ୟା ଉପୁଜୁଛି। ଫଳରେ ମତ୍ସ୍ୟଜୀବୀଙ୍କ ଜୀବିକା ପ୍ରଭାବିତ ହେଉଛି।

ଚିଙ୍ଗୁଡ଼ି ଘେରି ଉଚ୍ଛେଦ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଖୋର୍ଦ୍ଧା, ପୁରୀ ଓ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ତେବେ ଉଚ୍ଛେଦ ପରେ ପୁଣି ଯଥା ପୂର୍ବଂ ତଥା ପରମ୍ ସ୍ଥିତି। ଚିଙ୍ଗୁଡ଼ି ଚାଷ ପାଇଁ ଚିଲିକାରେ ହେକ୍ଟର ହେକ୍ଟର ମାଟିଘେରି ଗଢ଼ି ଉଠିଛି। ସେପଟେ ଚିଲିକାରେ ନଳଘାସ ମାଡୁଛି। ଗତ ମାସ ୨୭ ତାରିଖରେ ହୋଇଥିବା ବାତ୍ୟା 'ଗୁଲାବ' ପ୍ରଭାବରେ ସାନ ନଇରି, ବଉଳାବନ୍ଧ, କୁମାଣ୍ଡଳ, ନିମିନା, ହାଟବରଡି, ବାଲୁଗାଁ, ସୋରଣ ଏବଂ କାଳୁପଡ଼ାଘାଟ ଆଦି ସ୍ଥାନକୁ ଭାସିଆସିଥିବା ରାଜଦଳ ଏବେ ବି ଜମା ହୋଇରହିଛି। ସେହିପରି ମଲାଗୁଣି, ରାଜୁଆ, ଭାର୍ଗବୀ, ଦୟା, ମକରା ଆଦି ନଦୀର ରାଜଦଳ ଭାସି ଆସି ଚିଲିକା ଉପକୂଳବର୍ତ୍ତୀ ଅଞ୍ଚଳର ପ୍ରାୟ ୫ କି.ମି. ପର୍ଯ୍ୟନ୍ତ ଜମିରହିଛି। ତେଣୁ ମତ୍ସ୍ୟଜୀବୀମାନେ ମାଛ ମାରିବାକୁ ଯିବା ଲାଗି ହଇରାଣ ହେଉଛନ୍ତି। ମୁହାଣରେ ରାଜଦଳ ମାଡ଼ି ରହିଥିବାରୁ ଡଙ୍ଗା ଧରି ଚିଲିକାକୁ ଯିବା ସମ୍ଭବ ହେଉନାହିଁ। ଏନେଇ ଚିଲିକା ମତ୍ସ୍ୟଜୀବୀ ସଂଘ ଅଭିଯୋଗ ଜଣାଇଥିଲେ ବି ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ।



ଚିଲିକାରେ ଜମି ରହିଥିବା ରାଜଦଳ।

ସୂଚନା ମୁତାବକ, ଖୋର୍ଦ୍ଧା, ପୁରୀ ଏବଂ ଗଞ୍ଜାମ ଜିଲାର ୧୧୬୫ ବର୍ଗ କି.ମି. ଅଞ୍ଚଳରେ ଚିଲିକା ପରିବ୍ୟାପ୍ତ ଥିଲା। ଏହା କ୍ରମଶଃ ସଙ୍କୁଚିତ ହୋଇ ୧ହଜାର କି.ମି. ମଧ୍ୟରେ ସୀମିତ ଥିବା ଜଣାପଡ଼ିଛି। ଗଞ୍ଜାମ ଜିଲାର ୭୪.୩୩ ବର୍ଗ କି.ମି., ଖୋର୍ଦ୍ଧା ଜିଲାର ୭୨.୯୯ ବର୍ଗ କିମି ଏବଂ ପୁରୀ ଜିଲାର ୮୮୪.୫୬ ବର୍ଗକିମି ପର୍ଯ୍ୟନ୍ତ ପରିବ୍ୟାପ୍ତ ଚିଲିକାରେ ଛୋଟବଡ଼ ୫୨ଟି ନଦୀ ଓ ନାଳ ମିଶିଛି। ଖରାଦିନେ ଚିଲିକାରେ ଜଳଧାରଣ କ୍ଷମତା କମୁଥିବାବେଳେ ବର୍ଷାଋତୁରେ ପାଣି ଆସିଲେ ପରିସୀମା ବୃଦ୍ଧି ପାଇଥାଏ। ଖରାଦିନେ ଏହା ପ୍ରାୟ ୯ଶହ ବର୍ଗ କି.ମି. ଏବଂ ବର୍ଷାଦିନେ ପ୍ରାୟ ୧୧ଶହ କି.ମି. ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଥାଏ। ତେବେ ଚିଲିକାରେ ମିଶିଥିବା ନଦୀଗୁଡ଼ିକ କ୍ରମଶଃ ପୋତି ହେବାକୁ ବସିଲାଣି। ସେହିପରି ପ୍ଲାଷ୍ଟିକ, ପଲିଥିନ ପ୍ରଭୃତି ବର୍ଜ୍ୟବସ୍ତୁ ଚିଲିକାରେ ମିଶୁଛି। ଏହା ଦ୍ୱାରା ଜଳଚର ଜୀବଙ୍କ ଉପରେ ପ୍ରଭାବ ପଡୁଛି। ଚିଲିକାର ପ୍ରାୟ ୧୫୦ ବର୍ଗ କି.ମି. ଇଲାକାରେ ନଳଘାସ ପରିପୂର୍ଣ୍ଣ। ପୁରୀ ଜିଲାର ବରକୁଦିଠାରୁ ଖୋର୍ଦ୍ଧା ଜିଲାର ଚିଲିକା ବ୍ଲକ କୁମଣ୍ଡପାଟଣା, ସୋରଣ, ଭୂଷଣ୍ଡପୁର ପ୍ରଭୃତି ଉପକୂଳ ପର୍ଯ୍ୟନ୍ତ ନଳଘାସ ମାଡ଼ିଛି। ୧୯୯୯ ମହାବାତ୍ୟା ପରଠୁ ସରୁ ବାଉଁଶ ଚିଲିକାର ବିଭିନ୍ନ ଅଞ୍ଚଳକୁ ମାଡ଼ିଗଲାଣି। ଏନେଇ ଜିଲାପାଳ ସନତ କୁମାର ମହାନ୍ତି କହିଛନ୍ତି, ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଚିଲିକାରୁ ବେଆଇନ ଘେରି ଉଚ୍ଛେଦ କରାଯାଇଛି। କେତେଜଣ ବ୍ୟକ୍ତିଙ୍କ ବିରୋଧରେ ଥାନାରେ ଏତଲା ମଧ ଦିଆଯାଇଛି। ଟାଙ୍ଗୀ ବ୍ଲକ ଭୂଷଣ୍ଡପୁର ଅଞ୍ଚଳରେ ଏକର ଏକର ମାଟିବନ୍ଧକୁ ଜେସିବି ଦ୍ୱାରା ନଷ୍ଟ କରାଯାଇଛି। ଏଥିସହ ପ୍ରଶାସନ ପକ୍ଷରୁ ପାଟ୍ରୋଲିଂ କରାଯାଉଛି। ଚିଲିକାର ପରିବେଶ ସୁଧାରିବା ପାଇଁ ସମସ୍ତ ପ୍ରୟାସ ଜାରି ରହିଛି ବୋଲି ଜିଲାପାଳ କହିଛନ୍ତି। ଅପରପକ୍ଷରେ ପରିବେଶବିତ୍ ଜୟକୃଷ୍ଣ ପାଣିଗ୍ରାହୀଙ୍କ କହିବା ହେଲା ଚିଲିକା ହେଉଛି ରାଷ୍ଟ୍ର ସମ୍ପତ୍ତି। ତେଣୁ ଏହାର ସଂରକ୍ଷଣ ଓ ସୁରକ୍ଷା ପାଇଁ ସମସ୍ତଙ୍କ ଉତ୍ତରଦାୟିତ୍ୱ ରହିଛି। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ସଚେତନତା ସୃଷ୍ଟି କରାଯିବା ସହ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯିବା ଆବଶ୍ୟକ। ଚିଲିକାର ଆୟତନ ଦିନକୁ ଦିନ କମୁଥିବାରୁ ଏହାର ପ୍ରକୃତ ପରିସୀମା ଜାଣିବା ପାଇଁ ସ୍ୱତନ୍ତ୍ର ସର୍ଭେ ଆବଶ୍ୟକ। ୧୯୯୦ ପୂର୍ବରୁ ଚିଲିକାରେ ମଧୁର ପାଣି ଥିଲା। ୨୦୦୦ରେ ନୂଆ ମୁହାଣ ଖୋଲିବା ପରେ ସମୁଦ୍ର ପାଣି ଚିଲିକାରେ ପଶି ଲୁଣା ହୋଇଛି। ନିକଟବର୍ତ୍ତୀ ଲୁଣା, ଦୟା ଓ ଭାର୍ଗବୀ ଆଦି ପାର୍ଶ୍ୱବର୍ତ୍ତୀ ନଦୀଗୁଡ଼ିକରୁ ଭାସି ଆସୁଥିବା ପଟୁମାଟି ଏବଂ ବର୍ଜ୍ୟବସ୍ତୁ ଯୋଗୁ ଚିଲିକାର ଗଭୀରତା କମିବା ସହ ପ୍ରଦୂଷିତ ହେଉଛି ବୋଲି ପାଣିଗ୍ରାହୀ କହିଛନ୍ତି।

## ଆଜି ଚାରିଆଶ୍ରମକୁ ବିଜେ କରିବେ ସୁଦର୍ଶନ

ପୁରୀ ଅଫିସ, ୧୯।୧୦

ଶ୍ରୀମନ୍ଦିରରେ ଆଶ୍ୱିନ ପୂର୍ଣ୍ଣିମାରେ କୁମାର ଉତ୍ସବ ବୁଧବାର ପାଳିତ ହେବ। ସ୍ୱତନ୍ତ୍ର ନୀତି ପାଳନ ଅବସରରେ ରତ୍ନ ସିଂହାସନରୁ ମହାପ୍ରଭୁ ସୁଦର୍ଶନ ଶ୍ରୀକ୍ଷେତ୍ରର ଚାରି ଆଶ୍ରମ ବିଜେ କରିବେ। ସୁଦର୍ଶନଙ୍କର ଶ୍ରୀମନ୍ଦିର ବାହୁଡ଼ା ପରେ ମଦନ ମୋହନ ଓ ଶ୍ରୀଦେବୀ ମହାଲକ୍ଷ୍ମୀ ମନ୍ଦିରର ଜଗମୋହନକୁ ବିଜେ କରିବେ। ସେଠାରେ ପାରମ୍ପରିକ ପନ୍ତି ଭୋଗ ପରେ ମଦନ ମୋହନ ଓ ଶ୍ରୀଦେବୀ ଲକ୍ଷ୍ମୀନାରାୟଣ ଭାବରେ ହେଙ୍ଗୁଳ, କଉଡି, ରୁପା କଉଡି, ପସା ଓ ଶକଟା ଆଦି ଖେଳିବେ। ସେଠାରେ ପୁଣି ଶୀତଳ ମଣୋହି ପରେ ଗର୍ଭଗୃହକୁ ଫେରିବେ। ଶ୍ରୀଜୀଉମାନଙ୍କର ବଡ଼ସିଂହାର ନୀତି ପରେ ରତ୍ନ ସିଂହାସନ ଉପରେ ଶ୍ରୀଜଗନ୍ନାଥ ସ୍ୱୟଂ ଦ୍ୱିତୀୟଥର ଦ୍ୟୁତ କ୍ରୀଡା ଖେଳି ହାରିଯିବାରୁ ମହାଲକ୍ଷ୍ମୀ ମହାପ୍ରଭୁଙ୍କର ପ୍ରତିନିଧି ମାଧବଙ୍କୁ ସର୍ତ୍ତ ମୂଳକ ଭାବେ ୭ ଦିନ ଲକ୍ଷ୍ମୀ ମନ୍ଦିରରେ ଅଟକ ରଖିବେ।

## ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଆଲୋଚନା

ପୁରୀ ଅଫିସ,୧୯।୧୦: ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହିଳା ସଶକ୍ତୀକରଣ ଦିଗରେ କାର୍ଯ୍ୟରତ ସଂଗଠନ 'ଅଜିତା' ଆନୁକୂଲ୍ୟରେ ମଙ୍ଗଳବାର ପୁରୀର ଭକ୍ତନିବାସଠାରେ ଏକ ମହିଳା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅଜିତା ସଂଗଠନର ଜିଲା ସଂଯୋଜିକା ସ୍ୱପ୍ନପ୍ରିୟା ପାତ୍ର ଯୋଗଦେଇଥିବା ବେଳେ ଅନୁଷ୍ଠାନର ସଭାପତି ମୌସୁମୀ ମହାପାତ୍ର, ସମ୍ପାଦିକା ସଙ୍ଗୀତା ମାଝୀ, ଉପସଭାପତି ପ୍ରବୀଣା ଭଞ୍ଜଦେଓ, ମାମି ମିଶ୍ର, ସହ-ସମ୍ପାଦିକା ଆରତି ମିଶ୍ର, ଆର୍ଜୁ ବିବି ଓ କୋଷାଧ୍ୟକ୍ଷ ରାଜମିତ୍ରା ପ୍ରହରାଜ, ଅନ୍ୟ ସଦସ୍ୟା ଉପସ୍ଥିତ ରହି ମହିଳାଙ୍କୁ ସ୍ୱାବଲମ୍ବୀ କରିବା ସହିତ କିପରି ଆତ୍ମ ସୁରକ୍ଷା ହେବ ସେ ବିଷୟରେ ଆଲୋଚନା କରିଥିଲେ।

**QUOTATION/TENDER CALL NOTICE**

**JANATA COLLEGE, BOINDA**

Sealed Quotation/Tender are invited from interested parties / firms having TIN/PAN No./ Registration No., Valid GST and other relevant documents for supply of Book Racks to Janata College, Boinda, Dist.- Angul. Details of terms and conditions, description of item and other eligibility criteria are available in the website: www.janatacollegeboinda.org.

Sd./- Principal, Janata College, Boinda
Mob.: 9437331225

**OFFICE OF THE EXECUTIVE ENGINEER, RWS&S DIVISION, KENDRAPARA**

At:Ichhapur, Post : Shree Baladevjew
Email: eerwsskendrapara@gmail.com

**INVITATIONS FOR BIDS (IFB) [e-Procurement]**
**Bid Identification No. RWS/ 42 /2021-22**

No. O-837:- Letter No. 5014 / Dated. 11.10.2021

| | | | |
|---|---|---|---|
| 1 | The Executive Engineer, RWS&S Division, Kendrapara on behalf of Governor of Odisha invites urgent basis lump sum bid in single cover system in ONLINE MODE from eligible contractors for sinking of different 200 mm dia Production well for different Rural Piped Water Supply Schemes in Kendrapara District. | | |
| 2 | Name of the work | : | Sinking of 200 mm dia Production well through Mud Rotary Rig for different RPWS Schemes in Kendrapara district |
| 3 | No. of Work | : | 11 Nos. (Eleven) only |
| 4 | Value of the Work | : | Rs.5.91 Lakhs to Rs.6.30 Lakhs |
| 5 | Concerned tender inviting authority | : | Executive Engineer, RWS&S Division, Kendrapara |
| 6 | Cost of Bid documents (Rs.) (Online) | : | Rs.4000.00 |
| 7 | Class of Bidder | : | " D" and "C" |
| 8 | Period of Completion | : | 45 days |
| 9 | Availability of bid documents in the website | : | From date. 25.10.2021 at 10.00 A.M to date. 08.11.2021, 5.30 P.M. |
| 10 | Last Date & time of seeking tender clarification | : | Upto 03.11.2021 upto 5.30 P.M. |
| 11 | Date of oening of bid | : | 09.11.2021 at 11.00 A.M. |

The bidders have to participate in the tender through ONLINE bidding only. Further details can be had from the website i.e. http://tendersodisha.gov.in.
Subsequent corrigendum / addendum if required shall only be appeared in the above website.

Sd./- Executive Engineer, RWS&S Division, Kendrapara
OIPR-25004/11/0019/2122

NATION TAX MARKET
GST
COMMISSIONERATE OF CT & GST (Under Finance Department; GOVERNMENT OF ODISHA)
No. S-18

**ଜିଏସ୍‌ଟି ଟିକସଦାତା, ଦୟାକରି ଧ୍ୟାନ ଦିଅନ୍ତୁ!**

**ବିଳମ୍ବିତ GSTR-3B ଦାଖଲ କରିବା ନିମିତ୍ତ ସର୍ବକ୍ଷମା ଯୋଜନାର ଶେଷ ତାରିଖ ୩୦ ନଭେମ୍ବର ୨୦୨୧ ପର୍ଯ୍ୟନ୍ତ ବୃଦ୍ଧି**

- ବିଜ୍ଞପ୍ତି ସଂଖ୍ୟା ୧୯/୨୦୨୧, ତାରିଖ ୧ ଜୁନ ୨୦୨୧ ଅନୁଯାୟୀ ଜୁଲାଇ ୨୦୧୭ରୁ ଏପ୍ରିଲ ୨୦୨୧ ମଧ୍ୟରେ ବକେୟା ଥିବା ସମସ୍ତ GSTR-3B ରିଟର୍ଣ୍ଣଗୁଡ଼ିକୁ ୧ ଜୁନ ୨୦୨୧ରୁ ୩୧ ଅଗଷ୍ଟ ୨୦୨୧ ମଧ୍ୟରେ ଦାଖଲ କଲେ ବିଳମ୍ବ ଶୁଳ୍କ ହ୍ରାସ କରିବା ପାଇଁ ଧାର୍ଯ୍ୟ କରାଯାଇଥିଲା ।
- ବର୍ତ୍ତମାନ ସରକାର ଉପରୋକ୍ତ ରିଟର୍ଣ୍ଣଗୁଡ଼ିକୁ ଦାଖଲ କରିବାର ଶେଷ ତାରିଖକୁ ୩୦ ନଭେମ୍ବର ୨୦୨୧ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି (ବିଜ୍ଞପ୍ତି ସଂଖ୍ୟା ୩୩/୨୦୨୧, ତାରିଖ ୨୯ ଅଗଷ୍ଟ ୨୦୨୧ ଦ୍ରଷ୍ଟବ୍ୟ) ।
- ଉପରୋକ୍ତ Tax period ମାନଙ୍କ ପାଇଁ ଯେଉଁ ଟିକସଦାତାମାନେ ସେମାନଙ୍କ GSTR-3B ଦାଖଲ କରିନାହାନ୍ତି, ସେମାନେ ନିଜର ବକେୟା ରିଟର୍ଣ୍ଣଗୁଡ଼ିକୁ ୩୦ ନଭେମ୍ବର ୨୦୨୧ ପୂର୍ବରୁ ଦାଖଲ କରି ଏହି ଏକକାଳୀନ ସର୍ବକ୍ଷମା ଯୋଜନାର ଲାଭ ଉଠାଇପାରିବେ ।

Help Desk: 1800-345-6753 (Toll Free)
email: ctdho@odishatax.gov.in

ବାଣିଜ୍ୟକର ଓ ଜିଏସ୍‌ଟି ଆୟୁକ୍ତ
ଓଡ଼ିଶା ସରକାର, କଟକ
OIPR-05006/11/0005/2122